ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

୨୬ ବର୍ଷରେ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.168 Bhubaneswar Friday August 09 2024 | ୨୬ତମ ବର୍ଷ ସଂଖ୍ୟା–୧୬୮ ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୦୯, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ଆଇଏଏସ୍ ସ୍ତରରେ ଅଦଳବଦଳ: ରାଜ୍ୟର ୨୦ଟି ଜିଲ୍ଲାରେ ନୂଆ ଜିଲ୍ଲାପାଳଙ୍କୁ ଦାୟିତ୍ୱ, ବଦଳିଲେ ୪ ବରିଷ୍ଠ ଓଏଏସ୍ ଅଧିକାରୀ

ଭୁବନେଶ୍ୱର,୮।୮(ପି.ଏନ): ସର୍ବଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ଅଧିକାରୀ ସ୍ତରରେ ଏକ ବଡ ଧରଣର ଅଦଳବଦଳ କରାଯାଇଛି । ରାଜ୍ୟର ୨୦ଟି ଜିଲ୍ଲାରେ ନୂଆ ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ୪ ଜଣ ବରିଷ୍ଠ ଓଡିଶା ପ୍ରଶାସନିକ ସେବା (ଓଏଏସ) ଅଧିକାରୀଙ୍କୁ ଅଦଳବଦଳ କରାଯାଇଛି । ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି ।ରାଜସ୍ୱ ପରିଷଦ ସଚିବ ଡ. ବିଜୟ କେତନ ଉପାଧ୍ୟାୟଙ୍କୁ ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ଉକ୍ତ ଦାୟିତ୍ୱରେ ଥିବା ଦିଲ୍ଲୀପ ରାଉତରାୟଙ୍କୁ ଭଦ୍ରକ କଲେକ୍ଟର ଭାବେ ଟ୍ରାନ୍ସଫର କରାଯାଇଛି । ସେହିପରି ବାଲେଶ୍ୱର ଜିଲ୍ଲାପାଳ ଆଶିଷ ଠାକରେଙ୍କୁ ରାଜସ୍ୱ ବୋର୍ଡର ସଚିବ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ନବରଙ୍ଗପୁର ଜିଲ୍ଲାପାଳ କମଳ ଲୋଚନ ମିଶ୍ରଙ୍କୁ ଓସଡମାର ନିର୍ବାହୀ ନିର୍ଦ୍ଦେଶକ, ଯାଜପୁର ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣଙ୍କୁ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ଡିଭିଜନ ନିର୍ଦ୍ଦେଶକ, ସିଏମସି କମିଶନର ବିଜୟ କୁମାର ଦାଶଙ୍କୁ ଗଜପତି ଜିଲ୍ଲାପାଳ, ସ୍ମୃତିରଞ୍ଜନ ପ୍ରଧାନଙ୍କୁ କେନ୍ଦ୍ରାପଡା ଜିଲ୍ଲାପାଳ ଭାବେ ବଦଳି କରାଯାଇଛି ।କେନ୍ଦ୍ରାପଡା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି । ନୟାଗଡ ଜିଲ୍ଲାପାଳ ସ୍ୱାଧା ଦେବ ସିଂହଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ମିଳିଛି । ତାଙ୍କ ସ୍ଥାନରେ ସମ୍ବଲପୁର ଜିଲ୍ଲାପାଳ ଅଧ୍ୟକ୍ଷ ସୁନୀଲ ଅଗ୍ରୱାଲଙ୍କୁ ନୟାଗଡ ଜିଲ୍ଲା ଦାୟିତ୍ୱ ଦିଆଯାଇଛି । ସେହିପରି ରାୟଗଡା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସୁନ୍ଦରଗଡ ଜିଲ୍ଲାପାଳ ଭାବେ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ପାରୁଲ ପଟ୍ଟୱାରୀଙ୍କୁ ରାୟଗଡାର ନୂଆ ଜିଲ୍ଲାପାଳ ଭାବେ, କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ମାଲକାନଗିରି ଜିଲ୍ଲାପାଳ ଭାବେ, ମାଲକାନଗିରି ଜିଲ୍ଲାପାଳ ପାୱାର ସଚ୍ଚିନ୍ ପ୍ରକାଶ କଳାହାଣ୍ଡି ଜିଲ୍ଲାପାଳ ଭାବେ, ଢେଙ୍କାନାଳ ଜିଲ୍ଲାପାଳ ଅମୃତ ଋତୁରାଜଙ୍କୁ କନ୍ଧମାଳ ଜିଲ୍ଲାପାଳ ଭାବେ, ଓଏମସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କବିନ୍ଦ୍ର କୁମାର ସାହୁଙ୍କୁ ଦେବଗଡ କଲେକ୍ଟର ଭାବେ ଦାୟିତ୍ୱ ଦିଆଯାଇଛି ।

### ଦେବୀ ପାର୍ବତୀଙ୍କ ପର୍ବ ପୋଷ୍ଟରରେ ଆମେରିକା ପର୍ଣ୍ଣ ଷ୍ଟାରଙ୍କ ଫଟୋ

ଭୁବନେଶ୍ୱର,୮।୮(ପି.ଏନ): ଧାର୍ମିକ କାର୍ଯ୍ୟକ୍ରମ ପୋଷ୍ଟରରେ ଆମେରିକାର ପର୍ଣ୍ଣ ଷ୍ଟାରଙ୍କ ଫଟୋ ଲାଗିବାକୁ ନେଇ ବିବାଦ। ଏହି କାରଣକୁ ନେଇ ତାମିଲନାଡୁର କାଞ୍ଚିପୁରମରେ ବିବାଦ ସୃଷ୍ଟି ହୋଇଛି। ଦେବୀ ପାର୍ବତୀଙ୍କ ପୂଜା ପାଇଁ ଆୟୋଜିତ ହୋଇଥିବା ଧାର୍ମିକ କାର୍ଯ୍ୟକ୍ରମ ପୋଷ୍ଟରରେ ଲାଗିଥିଲା ମିଆ ଖଲିଫାଙ୍କ ଫଟୋ। ତାମିଲନାଡୁର ଏକ ପ୍ରସିଦ୍ଧ ପର୍ବ ହେଉଛି ଆଦି ପର୍ବ। ଶ୍ରାବଣ ମାସରେ ଏହି ପର୍ବ ପାଳନ କରାଯାଏ। ଆସନ୍ତାକାଲି(ଅଗଷ୍ଟ ୯ରୁ) ବେଶ୍ ଧୁମଧାମରେ ଏହି ପର୍ବ ପାଳନ ହେବ ।ଏଥିପାଇଁ ବିଭିନ୍ନ ସ୍ଥାନରେ ସାଜ ସଜା ସାଙ୍ଗକୁ ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ତୋରଣ ଓ ପୋଷ୍ଟର ଲଗାଯାଉଛି। ଏହି ପୂଜାରେ ଅମ୍ମନ(ଦେବୀ ପାର୍ବତୀ)ଙ୍କ ପୂଜାର୍ଚ୍ଚନା କରାଯାଏ। ଏହି ପର୍ବରେ ହଜାର ହଜାର ଭକ୍ତ ଯୋଗ ଦେଇଥାନ୍ତି। କିନ୍ତୁ ପୋଷ୍ଟରରେ ମିଆ ଖଲିଫାଙ୍କ ଫଟୋ ଲାଗିବାକୁ ନେଇ ବିବାଦ ହୋଇଛି।

## ପ୍ରତିଦିନ ମୋତେ ଅପମାନିତ କରାଯାଉଛି..., ଚୌକି ଛାଡି ପଳାଇଲେ ଉପରାଷ୍ଟ୍ରପତି



ଭୁବନେଶ୍ୱର,୮।୮(ପି.ଏନ): ରାଗିଗଲେ ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଜଗଦୀପ ଧନଖଡ। ଗୃହ ଚାଲିଥିବା ବେଳେ କଲେ କକ୍ଷ ତ୍ୟାଗ। ଚେୟାରରୁ ଉଠି ଚାଲିଗଲେ। ଆଜି ରାଜ୍ୟସଭା ଚାଲିଥିବା ବେଳେ ବିରୋଧୀ ଦଳ ନେତାଙ୍କ ହୋହଲ୍ଲା ଓ ସ୍ଲୋଗାନ ଯୋଗୁ ସେ ରାଗି ଯାଇଛନ୍ତି ।ଆଜି ରାଜ୍ୟସଭା ଆରମ୍ଭରୁ ଭିନେଶ ଫୋଗାଟ୍ ପ୍ରସଙ୍ଗକୁ ନେଇ ଜୋରଦାର ହଙ୍ଗାମା ହୋଇଥିଲା। ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡଗେ ରାଜ୍ୟସଭାରେ ଏହି ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ଅଧ୍ୟକ୍ଷ ଜଗଦୀପ ଧନଖଡ ଏହାକୁ ଅନୁମତି ଦେଇନଥିଲେ।

### ଦୀର୍ଘ ବର୍ଷ ଧରି ଗଜପତି କଲେଜ ଓ ସଂସ୍କୃତ କଲେଜର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ହେବ କି ?

ପାରଳାଖେମୁଣ୍ଡି, ୮।୮(ପି.ଏନ): ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତି ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ଏବଂ ସଂସ୍କୃତ ମହାବିଦ୍ୟାଳୟ ଭଳି ଦୁଇଟି ଶିକ୍ଷାନୁଷ୍ଠାନର ପ୍ରାୟ ୨୧ଏକର ଜମି ଦୀର୍ଘ ଦିନ ହେଲା ଜବରଦଖଲରେ ରହିଛି । ବର୍ତ୍ତମାନ ସରକାରଙ୍କ ନିଷ୍ପତ୍ତି ଅନୁଯାଇ ସରକାରୀ ଜମିରେ ସମସ୍ତ ପ୍ରକାର ଜବରଦଖଲ ହଟାଯିବ. ସେ ଜମି ଏବେ ମକ୍ତ ହେବ ତ ? ପ୍ରଶାସନ ଏବଂ ବିଭାଗୀୟ କର୍ତ୍ତୃପକ୍ଷ ପଦେକ୍ଷପ ନେବେ ତ ? ପାରଳାଖେମୁଣ୍ଡି ସହରରେ ରହିଛି ଦୁଇଟି ଶତାୟୁ ମହାବିଦ୍ୟାଳୟ। ବହୁ ପୁରାତନ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସଂସ୍କୃତ ମହାବିଦ୍ୟାଳୟ। ଦୀର୍ଘ ବର୍ଷ ହେଲା କଲେଜ ଜମି ଜବରଦଖଲରେ ରହିଛି । ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ୪ ଏକର ଜମି ଓ ସଂସ୍କୃତ ମହାବିଦ୍ୟାଳୟର ୧୭ଏକର ଜମି ଜବରଦଖଲକାରୀଙ୍କ ଜବଜାରେ ରହିଛି। ଏନେଇ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ଅତିଶୀଘ୍ର ସେ ସବୁ ଜମି ଜବରଦଖଲକାରୀଙ୍କ କବଜାରୁ ମୁକୁଳିବ କଲେଜର ଅଧ୍ୟକ୍ଷ ଆଶା ରଖିଛନ୍ତି ବୋଲି ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ କହିଛନ୍ତି. ରାଜ୍ୟ ସରକାର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

## ଗିରଫ ଜଳସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କ ନାଁରେ ଆଉ ୨୦ଟି ପ୍ଲଟ ଠାବ, ସଂଖ୍ୟା ପହଞ୍ଚିଲା ୧୦୫



ବାଲେଶ୍ୱର,୮।୮(ପି.ଏନ): ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ୨ ତାରିଖରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ବାଲେଶ୍ୱର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନଙ୍କ ବିରୋଧରେ ତଦନ୍ତ ଜାରି ରହିଛି। ଆଜି ତାଙ୍କ ନାଁରେ ଥିବା ଆଉ ୨୦ଟି ପ୍ଲଟ ଠାବ କରାଯାଇଛି। ସେ ପ୍ଲଟ କିଣାରେ ସେଞ୍ଚୁରି ପାର କରିଛନ୍ତି। ଆଜିକୁ ଲଗାଇ ତାଙ୍କର ୧୦୫ଟି ପ୍ଲଟ ଠାବ କରାଯାଇଥିବା ବାଲେଶ୍ୱର ଭିଜିଲାନ୍ସ ଏସପି ସୂଚନା ଦେଇଛନ୍ତି। ପଶ୍ଚିମବଙ୍ଗର ସୁନାଖଣିଆ ଆଉ ଦାନ୍ତୁନ ଅଞ୍ଚଳରୁ ୨୦ଟି ପ୍ଲଟ ଠାବ ହୋଇଛି। ଗିରଫ ହେବା ପରେ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ ବାଲେଶ୍ୱର ଏବେ ଜେଲରେ ଥିବା ଭିଜିଲାନ୍ସ ଏସପି ନରହରି ନାୟକ ସୂଚନା ଦେଇଛନ୍ତି ।ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ; ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ନାମରେ ପୁରୀ ଡେଲାଙ୍ଗରୁ ଆରମ୍ଭ କରି ପଶ୍ଚିମବଙ୍ଗର ସୁନାକଣିଆ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ୧୦୫ଟି ପ୍ଲଟ୍? ରହିଛି। ସେଥିମଧ୍ୟରୁ କେବଳ ଜଳେଶ୍ୱରରେ ୮୦ଟି, ପୁରୀ ଡେଲାଙ୍ଗରେ ୪ଟି ଓ ପଶ୍ଚିମବଙ୍ଗର ସୁନାକଣିଆରେ ଗୋଟିଏ ପ୍ଲଟ୍ ଅଛି। ଜଳେଶ୍ୱରରେ ଥିବା ଜମି ଓ ୧୨୫୦୦ ସ୍କୋୟାର୍ ଫୁଟ୍‌ରେ ନବନିର୍ମିତ ୫ ମହଲା ଘର, ପୈତୃକ ବାସଭବନ, ଫାର୍ମ ହାଉସ୍, ମାର୍କେଟ୍ କମ୍ପ୍ଲେକ୍ସ ଆଦିକୁ ମିଶାଇଲେ ମୋଟ ସ୍ଥାବର ସମ୍ପତ୍ତିର ମୂଲ୍ୟ ୫ କୋଟି ୧୪ ଲକ୍ଷ ୯୨ ହଜାର ୫୬୧ ଟଙ୍କା ହେବ ।ସେହିପରି ନଗଦ ୧୧ ଲକ୍ଷ ୮୧ ହଜାର ୫୮୦ ଟଙ୍କା ସହ ୧ କୋଟି ୪୪ ଲକ୍ଷ ୩୩ ହଜାର ୬୩୯ ଟଙ୍କାର ବ୍ୟାଙ୍କଜମା, ପୋଷ୍ଟାଲ୍ ଜମା ଓ ବୀମା କାଗଜପତ୍ର ଜବତ ହୋଇଛି। ୩୩୪.୫୫ ଗ୍ରାମ୍ ?ର ସୁନା ଅଳଙ୍କାର ଓ ସୁନା ବିସ୍କୁଟ୍, ଗୋଟିଏ ୪ ଚକିଆ ଗାଡି (ଟାଟା ଇଣ୍ଡିକା), ୩ଟି ଦୁଇଚକିଆ ଗାଡି ଏବଂ ଗୃହ ଉପକରଣର ତାଲିକା ମଧ ଭିଜିଲାନ୍ସ ପାଖରେ ରହିଛି। ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ମିଶାଇଲେ ମୋଟ ୮ କୋଟି ଟଙ୍କାରୁ ଅଧିକ ହେବ ବୋଲି କୁହାଯାଇଛି। ଯାହା ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଆୟଠାରୁ ୨୪୫ ପ୍ରତିଶତ ଅଧିକ। ଉଲ୍ଲେଖଥାଉକି, ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ପ୍ରଧାନ ନିଜ ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କ ନାମରେ ମଧ ଅନେକ ସମ୍ପତ୍ତି ଠୁଳ କରିଥିବା ଜଣାପଡିଛି। ଏ ନେଇ ଭିଜିଲାନ୍ସର ବୈଷୟିକ ଟିମ୍ ଖୋଳତାଡ ଜାରି ରଖିଛି।

## ପୁଲିସର ନିଦ ହଜାଇ ଦେଇଛି ଶାଢ଼ି କିଲ୍‌ର, ବର୍ଷକରେ ୯ ଜଣ ମହିଳାଙ୍କୁ ହତ୍ୟା



ଭୁବନେଶ୍ୱର,୮।୮(ପି.ଏନ): ଦେଇଛନ୍ତି ସନ୍ଦିଗ୍ଧ ସିରିଏଲ କିଲର। ୧୩ ମାସରେ ୯ ଜଣ ମହିଳାଙ୍କୁ ସମାନ ଢଙ୍ଗରେ ହତ୍ୟା କରାଯିବା ପରେ ପୁଲିସ ପକ୍ଷରୁ ୩ ସନ୍ଦିଗ୍ଧ ସିରିଏଲ କିଲରଙ୍କ ସ୍କେଚ୍ ଜାରି କରାଯାଇଛି। ଉତ୍ତର ପ୍ରଦେଶର ବରେଲୀର ଗ୍ରାମାଞ୍ଚଳରେ ୯ ଜଣ ମହିଳାଙ୍କୁ ୧୩ ମାସ ମଧ୍ୟରେ ପ୍ରାୟତଃ ସମାନ ଢଙ୍ଗରେ ହତ୍ୟା କରାଯାଇଛି। ମହିଳାମାନଙ୍କୁ ସେମାନଙ୍କ ଶାଢ଼ିରେ ତଣ୍ଟି ଚିପି ହତ୍ୟା କରାଯାଇଛି। ସମସ୍ତଙ୍କ ମୃତଦେହ ଖୋଲା ପଡିଆରୁ ହିଁ ପୁଲିସ୍ ଜବତ କରିଛି। ତେଣୁ ସିରିଏଲ କିଲର ଶାଢ଼ି କିଲର ଭାବେ ପୂରା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି ।ପୁଲିସ୍ କହିଛି ଯେ ଗତବର୍ଷ ୮ ଜଣ ମହିଳାଙ୍କୁ ହତ୍ୟା କରାଯାଇଥିଲା। ଏମାନଙ୍କ ବୟସ ୪୦ରୁ ୬୫ ବର୍ଷ ମଧ୍ୟରେ ରହିଥିଲା। ଶାହି, ଶୀଶାଗଡ ଓ ଶେରଗଡ ପୁଲିସ୍ ଷ୍ଟେସନ ଅଧୀନରେ ଏହା ଘଟିଥିଲା। ପ୍ରତିଟି ଅଞ୍ଚଳ ପରସ୍ପରର ସୀମାକୁ ଲାଗିଛି। ସମସ୍ତ ୮ ମହିଳାଙ୍କ ମୃତଦେହ ଆଖୁ କିଆରୀରୁ ମିଳିଥିଲା ।ସେହିପରି ସେମାନଙ୍କ କପଡା ଏଣେତେଣେ ପଡି ରହିଥିଲା। କିନ୍ତୁ ଯୌନ ନିର୍ଯାତନାର କୌଣସି ସୂଚନା ମିଳି ନଥିଲା।

## ଫିଲ୍ମ ଷ୍ଟାଇଲରେ ୪୦ ଅପରାଧର ଅଭିଯୁକ୍ତଙ୍କୁ ଧରିଲେ କନଷ୍ଟେବଲ



ଭୁବନେଶ୍ୱର,୮।୮(ପି.ଏନ):ଆର୍ମିରୁ ଅବସର ନେବା ପରେ ପୁଲିସ୍ କନଷ୍ଟେବଲ ହୋଇଥିବା ଜଣେ ୫୦ ବର୍ଷୀୟ ବ୍ୟକ୍ତି କମାଲ କରିଦେଇଛନ୍ତି। ସେ ଫିଲ୍ମ ଷ୍ଟାଇଲରେ ୪୦ଟି ଅପରାଧର ଜଣେ ଅଭିଯୁକ୍ତଙ୍କୁ କାବୁ କରିଛନ୍ତି। ବେଙ୍ଗାଲୁରୁର ସଦାଶିବନଗର ପୁଲିସ୍ ଷ୍ଟେସନ ଜଙ୍କସନରେ ଏପରି ଘଟଣା ଘଟିଛି। ତାଙ୍କୁ ଏଥିରେ ଜଣେ ମହିଳା ଟ୍ରାଫିକ ସବ ଇନସପେକ୍ଟର ସହାୟତା କରିଛନ୍ତି। ୫୦ ବର୍ଷୀୟ ଡୋଡାଲିଙ୍ଗାଇଆ କେଏଲ୍ ତୁମକୁରୁ ଜିଲ୍ଲାରେ ଥିବା କୋରାଟାଗେରେ ପୁଲିସ ଷ୍ଟେସନ ଅଧୀନରେ କାମକ କରନ୍ତି। ସେ ଜଣେ ମହିଳା ଟ୍ରାଫିକ ପୁଲିସ୍ ସବ ଇନସପେକ୍ଟରଙ୍କ ସହାୟତାରେ ୪୦ ଅପରାଧର ଅଭିଯୁକ୍ତ ଏସ ମଞ୍ଜେଶା ଓରଫ ୪୨୦ ମଞ୍ଜା ଓରଫ ହୋଟେ ମଞ୍ଜାକୁ ଧରିବାକୁ ସକ୍ଷମ ହୋଇଛନ୍ତି ।ଜୁନ ୨୦ରେ ହେସାରାଘାଟରେ ରହୁଥିବା ମଞ୍ଜା ସ୍କୁଟର ଧରି ହସ୍ପିଟାଲରୁ ଫେରୁଥିବା ଜଣେ ବୟସ୍କ ମହିଳାଙ୍କ ପାଖରେ ପହଞ୍ଚିଥିଲା। ସେ ମହିଳା ଜଣଙ୍କୁ କହିଥିଲା ଯେ ବରିଷ୍ଠ ନାଗରିକମାନଙ୍କ ପେନସନ ୧ ହଜାର ଟଙ୍କାରୁ ୧୫ଶହକୁ ବୃଦ୍ଧି ପାଇଛି। ଅତିରିକ୍ତ ଟଙ୍କା ପାଇଁ ତାଙ୍କୁ ଗୋଟିଏ ଫର୍ମ ପୂରଣ କରିବାକୁ ପଡିବ ।ଏକଥା ଶୁଣିବା ପରେ ମହିଳା ଜଣଙ୍କ ମଧ ଫର୍ମ ପୂରଣ କରିବାକୁ ରାଜି ହୋଇଯାଇଥିଲେ। ଏହାର ଫାଇଦା ଉଠାଇ ମଞ୍ଜା ତାଙ୍କୁ ଗାଡିରେ ବସାଇ ଗୋଟିଏ ବ୍ୟାଙ୍କକୁ ନେଇ ଯାଇଥିଲା। ଏଥିସହ ଗରିବ ଦେଖାଯିବା ପାଇଁ ମହିଳାଙ୍କୁ ସବୁ ସୁନା ଜିନିଷ ଖୋଲି ଦେବାକୁ କହିଥିଲା। ମହିଳା ଜଣଙ୍କ ପିନ୍ଧିଥିବା ସୁନା ଜିନିଷ ବାହାର କରି ମଞ୍ଜାକୁ ରଖିବାକୁ ଦେଇଥିଲେ।

## ମହାପ୍ରଭୁଙ୍କ ମୂଲ୍ୟବାନ ଖଣି ଖାଇଗଲେ; ୧୯ ଲିଜଧାରୀଙ୍କୁ ନୋଟିସ୍



ଭୁବନେଶ୍ୱର,୮।୮(ପି.ଏନ): କୋଟି ଓଡିଆଙ୍କ ମଉଡମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂଲ୍ୟବାନ ଖଣି ଖାଇଗଲେ ମାଫିଆ। ଉତ୍ତୋଳନ ପାଇଁ ଯେତିକି ଅନୁମତି ନେଇଥିଲେ, ତା'ଠାରୁ ଢ଼ର ଗୁଣା ପଥର ତାଡି ବିକିଦେଲେ। ଏଭଳି ମହାଲୁଟ୍ ? ଧରାପଡିବା ପରେ, ୧୯ ଜଣ ଖଣି ଲିଜଧାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ଯେଉଁଥିରେ ୧୫ଦିନ ଭିତରେ ରୟାଲିଟି ସହ ଆନୁସଙ୍ଗିକ ଦେୟ ଓ ଫାଇନ ଜମା କରିବାକୁ କଡା ନିର୍ଦ୍ଦେଶ ରହିଛି। ନୋଟିସ୍ ହୋଇଥିବା ଜଣେ ଲିଜଧାରୀ ହେଉଛନ୍ତି ଖୋର୍ଦ୍ଧା ଗୁରୁଜଙ୍ଗର ଦେବେନ୍ଦ୍ର ନାଥ ଜେନା। ତାଙ୍କୁ ୨୦୨୨-୨୩ ମସିହାରେ ୩୦,୦୦୦ କ୍ୟୁବିକ ମିଟରର ପଥର ଖନନ ପାଇଁ ଅନୁମତି ମିଳିଥିଲା। ହେଲେ ସେ ତା'ଠୁ ଢେର ଅଧିକ ପରିମାଣର ଅର୍ଥାତ୍ ୧୨ ଲକ୍ଷ ୨୮ ହଜାର ୫୭ କ୍ୟୁବିକ ମିଟର ଖଣିଜ ଉତ୍ତୋଳନ କରିଥିବା ଅଭିଯୋଗ ହୋଇଛି। ତେଣୁ ରୟାଲିଟି ଓ ପେନାଲଟି ବାବଦକୁ ମିଶାଇ ମୋଟ୍ ୧କୋଟି ୮୪ଲକ୍ଷ ଟଙ୍କା ଦାଖଲ କରିବା ପାଇଁ ତାଙ୍କୁ ଚିଠି ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ଦେବେନ୍ଦ୍ରଙ୍କ ଭଳି ଖୋର୍ଦ୍ଧା ଜିଲ୍ଲାର କାଇପଦର, ତାପଙ୍ଗ, ଶଙ୍ଖାରି, ତାଳଛୁଆ, ହାତିଆ, ଦକ୍ଷିଣଘର ଓ ଗୋଳାପୁଟ ଆଦି ସ୍ଥାନରେ ଖଣି ଲିଜ ପାଇଥିବା ଆହୁରି ୧୮ଜଣ ଲିଜଧାରୀଙ୍କୁ ନୋଟିସ୍ ହୋଇଛି। ବେଆଇନ ଖନନ ସ୍ଥଳରେ ଡ୍ରୋନ ମାଧ୍ୟମରେ ଆକଳନ କରାଯାଇ ଜରିମାନା ନୋଟିସ୍ ହୋଇଥିବା କହିଛନ୍ତି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା।

## ପୋଲାଭରମ ପ୍ରକଳ୍ପକୁ ବିରୋଧ କରି ମୋଟୁରେ ବିଜେଡି ପ୍ରତିନିଧି ଦଳ



ମାଲକାନଗିରି,୮।୮(ପି.ଏନ): ଜିଲ୍ଲାର ମୋଟୁ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦଳର ସୁପ୍ରିମୋଙ୍କୁ ରିପୋର୍ଟ ଦେବ ବିଜେଡି ଟିମ୍। ସେପଟେ ପ୍ରକଳ୍ପ କାର୍ଯ୍ୟ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ କାର୍ଯ୍ୟ ଶେଷ ହେବାକୁ ଥିଲା ବେଳେ ବର୍ଷା ସମୟରେ ବନ୍ୟା ଦେଖିଲାଣି ମାଲକାନଗିରି ଜିଲ୍ଲା। ଏବେ ଓଡ଼ିଶା-ଛତିଶଗଡ଼ ଓ ଆନ୍ଧ୍ରରେ ଏନଡିଏ ସରକାର। ଚଳିତ ବଜେଟରେ ୧୫ ହଜାର କୋଟି ଅର୍ଥ ମଞ୍ଜୁର ସହ କାମ ଶେଷ କରିବାକୁ କହିଛି କେନ୍ଦ୍ର। ପ୍ରକଳ୍ପ ଶେଷ ହେଲେ କଣ ସ୍ଥିତି ହେବ ତାହାକୁ ନେଇ ?ସନ୍ଦେହ ଅବସ୍ଥାରେ ମୋଟୁ ଅଞ୍ଚଳବାସୀ। ଓଡିଶାର ମୋଟୁ, ଆଲାମା, ବିନାୟକପୁର କ୍ଷତିଗ୍ରସ୍ତ ହେବାକୁ ଥିବା ଗାଁ ବୁଲି ସ୍ଥିତି ଅନୁଧ୍ୟାନ କଲେ ବିଜେଡି ଟିମର ପ୍ରତିନିଧି ଦଳ। ଗୋଟି ଗୋଟି କରି କ୍ଷତିଗ୍ରସ୍ତ ଅଞ୍ଚଳ ବୁଲୁଛନ୍ତି ବିଜେଡି ଟିମ୍ ।ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସ୍ଥିତି ଅନୁଧ୍ୟାନ ପାଇଁ ବିଜେଡି ଟିମ୍ ପୋଲାଭରମ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ମାଲକାନଗିରି ମୋଟୁ, ଆନ୍ଧ୍ରପ୍ରଦେଶର କାଲୁର୍ ଏମିତି ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ପରଖିଛନ୍ତି। ଅତନୁ ସବ୍ୟସାଚୀ ନାୟକଙ୍କ ନେତୃତ୍ୱରେ ଭୃଗୁ ବକ୍ସିପାତ୍ର, ଝିନ୍ନ ହିକକା, ରମେଶ ମାଝୀ, ଈଶ୍ୱର ପାଣିଗ୍ରାହୀ, ରଘୁରାମ ପାଡାଲ, ବିଧାୟକ ମନହର ରାନ୍ଧାରୀ, ରବି ନନ୍ଦ, ମାନସ ମାଡକାମୀଙ୍କ, ପୃଥ୍ୱୀ ରାଜ ସାହୁ ସମତେ ଟିମ୍ ?ରେ ସ୍ଥାନୀୟ ଅଞ୍ଚଳର ବିଜେଡି ନେତା ସାମିଲ ଥିଲେ। ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ମୋଟୁ, କାଲେର, ଆଲାମା, ପେଟା, ବିନାୟକପୁର ଗାଁର ଲୋକଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କର ମତାମତ ସଂଗ୍ରହ କରିବା ସହ ସହ ଭୌଗୋଳିକ ଓ ବୈଷୟିକ ଦିଗର ଅନୁଧ୍ୟାନ କରିଛନ୍ତି। ସର୍ ଜମିନ୍ ତଦନ୍ତ କରିବା ସହ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି ଦଳର ସୁପ୍ରିମୋଙ୍କ ପାଇଁ। ମୋଟୁ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି ।ଓଡିଶାର କ୍ଷୟକ୍ଷତି ଆକଳନ କରିବା ସହ ଏମାନଙ୍କର ଥଇଥାନ ନେଇ ସରକାର ନିଷ୍ପତ୍ତି ନିଅନ୍ତୁ ବୋଲି କୁହାଯାଇଛି।

## 'ମାଫିଆଙ୍କ ଅଧୀନରେ ଅଛି ୱାକଫ ବୋର୍ଡ' ଲୋକସଭାରେ ସଂଶୋଧନ ବିଲ୍ ଆଗତ



ଭୁବନେଶ୍ୱର,୮।୮(ପି.ଏନ): ଆଜି ଲୋକସଭାରେ ୱାକଫ ସଂଶୋଧନ ବିଲ୍ ୨୦୨୪ ଉପସ୍ଥାପିତ କରିଛନ୍ତି ସଂଖ୍ୟାଲଘୁ ମନ୍ତ୍ରୀ କିରଣ ରିଜିଜୁ। ପୁରୁଣା ୱାକଫ ନିୟମରେ ପରିବର୍ତ୍ତନ ପାଇଁ ୱାକଫ ସଂଶୋଧନ ବିଲ୍ ୨୦୨୪ ଆଗତ କରାଯାଇଛି। ଏହି ବିଲ୍ ଆଗତ ହେବା ମାତ୍ରେ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି ବିରୋଧୀ ।ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ ଏବଂ ଏଆଇଏମ୍ଆଇଏମ୍ ସଭାପତି ଅସଦୁଦ୍ଦିନ ଓୱେସିଙ୍କ ଦଳ ଏହି ବିଲ୍ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି। ଧର୍ମ ଆଧାରରେ ଦେଶକୁ ଦୁଇ ଭାଗ କରିବା ଉଦ୍ଦେଶ୍ୟରେ ଏହା କରାଯାଉଥିବା ବିରୋଧୀ କହିଛନ୍ତି। ଏଥିସହ ୱାକଫ ସମ୍ପତ୍ତି ଜବତ ଏବଂ ଏହି ବିଲ୍ ମୁସଲମାନଙ୍କର ଶତ୍ରୁ ବୋଲି ଓୱେସି କହିଛନ୍ତ ।ଏହାର ଜବାବ ଦେଇ ରିଜିଜୁ କହିଛନ୍ତି, 'ବିରୋଧୀ ଭୋଟ୍ ବ୍ୟାଙ୍କ ପାଇଁ ଏହି ସଂଶୋଧନକୁ ବିରୋଧ କରୁଛନ୍ତି। ୱାକଫର ଭିତ୍ତିଭୂମି ଠିକ୍ ନଥିଲା, ୱାକଫ ବୋର୍ଡ ବର୍ତ୍ତମାନ ମାଫିଆଙ୍କ ଅଧୀନରେ ରହିଛି। ତେଣୁ ଏଥିରେ ସଂଶୋଧନ ଅଣାଯିବା ନିହାତି ଆବଶ୍ୟକ। ଏହା କୌଣସି ଧାର୍ମିକ ଅନୁଷ୍ଠାନର ସ୍ୱାଧୀନତାରେ ହସ୍ତକ୍ଷେପ କରିବ ନାହିଁ, ବରଂ ଅଧିକାର ଦେବ।'








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ୱା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲି ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଶୈଳରାଣୀ ସିମଳା

ସମୁଦ୍ର ପତ୍ତନ ରୁ ପ୍ରାୟ ସାତ ହଜାର, ଦୁଇଶହ ଫୁଟ ଉଚ୍ଚତାରେ, ସିମଳା ଶୈଳ ନିବାସ ହିମାଳୟ କୋଳରେ ସାତ ପାହାଡ ଶିରରେ ଅବସ୍ଥିତ। ଏହା କାଲକା ଠାରୁ ୮୮କିମି, ଚଣ୍ଡିଗଡ ଠାରୁ



୧୧୫ କିମି, ମାନାଲି ଠାରୁ ୨୪୫ କିମି, ଚଣ୍ଡିଗଡ ଠାରୁ ୧୪୫ କିମି ଓ ଦିଲ୍ଲୀ ଠାରୁ ୩୪୫ କିମି ଦୂରରେ ରହିଚି। ସାତଟି ପାହାଡର ଶିଖରରେ ସିମଳା ଅବସ୍ଥିତ। ସେଗୁଡିକ ହେଲା, ଜାଖୁ ହିଲ, ପ୍ରସପେକ୍ଟସ ହିଲ, ସମର ହିଲ, ବାନୋଟି ହିଲ, ମଇନଭେରାନ ହିଲ, ଅବଜରଭେଟୋରି ହିଲ,





ଇଲୁସିଅମ ହିଲ। ବର୍ତ୍ତମାନ ଏହା ହିମାଚଳ ପ୍ରଦେଶର ରାଜଧାନୀ ହୋଇଛି। ସ୍ୱାଧିନତା ପରେ କିଛିଦିନ ପାଇଁ ପୂର୍ବ ପଞ୍ଜାବର ମଧ୍ୟ ରାଜଧାନୀ ଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଏଠାରେ ତିନି ବର୍ଷ ପାଇଁ ପ୍ରବାସୀ ବର୍ମା ସରକାର କାମ କରୁଥିଲା।

ଏହା ପାଖରେ ଥିବା କାଳିବାଡିର ଶ୍ୟାମଳା ଦେବୀ ବା ଶ୍ୟାମା କାଳୀ ଦେବୀଙ୍କ ନାମ ଅନୁସାରେ ସହର ନାମ ସିମଳା ହୋଇଚି। ୧୮୦୦ ମସିହା ପୁର୍ବରୁ ଏହା ଜନଶୂନ୍ୟ ଇଲାକା ଥିଲା। ଅଳ୍ପ କେତେକ ସ୍ଥାନୀୟ ପାହାଡି ଲୋକ କୁଡିଆ କରି ରହୁଥିଲେ। ଏହି ଇଲାକା ନେପାଳ ଥାପା ରାଜାଙ୍କ ଶାସନାଧିନ ଥିଲା।୧୮୧୪ ମସିହାରେ ଇଂରେଜ ମାନଙ୍କ ଜେନେରାଲ ଅକ୍ଟେରଲେନି ଗୁର୍ଖାମାନଙ୍କୁ ପରାସ୍ତ କରି, ସଉଗୁଲି ଚୁକ୍ତି ଦ୍ୱାରା ଏହି ଅଂଚ-ଳର ମାଲିକାନା ଗ୍ରହଣ କଲେ। ଇଂରେଜ ମାନେ ଆସିଲା ପରେ ଗ୍ରୀଷ୍ମ ଦିନେ ଗାଙ୍ଗେୟ ସମତଳର ପ୍ରବଳ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ସେମାନେ ଶୀତଳ ଉଚ୍ଚ ସ୍ଥାନର ସନ୍ଧାନ ନେଲେ। ସିମଳାର ପ୍ରାକୃତିକ ଘ- ଜଙ୍ଗଲ, ତୁଷାରାବୃତ ଶୃଙ୍ଗର ପରିବେଶ ତାଙ୍କୁ ବେଶ ସୁହାଇଲା। ଛୋଟ ଛୋଟ କଟେଜ, ହୋଟେଲମାନ ଗଢି ଉଠିଲା। ଗ୍ରୀଷ୍ମର ଆଗମନରେ ଦଳଦଳ ୟୁରୋପୀୟମାନେ ଏଠାରେ ରୁଣ୍ଡ ହେଲେ। ସେମାନଙ୍କ ସେବା ପାଇଁ ଭାରତୀୟମାନେ କୁଲି, ଖଲାସୀ, ଅଶ୍ୱଚାଳକ, ଧୋବା, ରୋଷାୟା, ଦୋକାନୀ ଭଳି କାମ କରି ଦୁଇପଇସା ରୋଜଗାର ପାଇଁ ମଧ୍ୟ ଆସିଲେ। ଶେଷରେ କଲିକତାରୁ ରାଜଧାନୀ ଗ୍ରୀଷ୍ମକାଳରେ ସିମଳାକୁ ଗଭର୍ଣ୍ଣର ଜେନେରାଲ ଲର୍ଡ ଲରେନସଙ୍କ ସମୟରେ ଉଠିଗଲା। (୧୮୬୧ ମସିହା)। ଗଭର୍ଣ୍ଣର ଜେନେରାଲ, ସୈନ୍ୟ ମୁଖ୍ୟ ଓ ତାଙ୍କର ଅଧସ୍ତନ କର୍ମଚାରୀମାନେ ସେଠାକୁ ଗଲେ।



ସିମଳାରେ ସେମାନଙ୍କ ପାଇଁ ଗଥିକ, ଭିକ୍ଟୋରିଆନ ଓ ଟ୍ୟୁଡର ଶୈଳୀରେ ଉଚ୍ଚ ମିନାର, ଖିଲାଣ, ବଡଝରକା ଦ୍ୱାରା ଥାଇ କାଠ ଓ ଇଟା ପଥରର କୋଠାମାନ ତିଆରି ହେଲା। ବର୍ତ୍ତମାନ ମଧ୍ୟ ପ୍ରତିଷ୍ଠା ହେଲା। ଅନେକ ବିଳାସପୂର୍ଣ୍ଣ ହୋଟେଲ, ଗଲ୍ଫ କୋର୍ଟ, ଘୋଡା ପଡିଆ, ବରଫ ସ୍କେଟିଙ୍ଗ ପଡିଆ, ବଲ ଡ୍ୟାନସ ରୁମ୍, ବିପଣୀମାନ ଆରମ୍ଭ ହେଲା। ଅନେକ ୟୁରୋପୀୟ ସ୍ଥାୟୀ ଭାବରେ ରହିଗଲେ। ସମତଳ ରାଜ୍ୟରୁ ଗୋରାଙ୍କ ସହ ସାଥିଦେବା ପାଇଁ ଅନେକ ଦେଶୀୟ ରାଜା ମାନେ ମଧ୍ୟ ଆସିଲେ। ହଜାର, ହଜାର ଭାରତୀୟ କୁଲି ସାହେବମାନଙ୍କର ବିଳାସ ସାମାଗ୍ରୀ, ପୋଷାକ ପତ୍ର ଖାଦ୍ୟ, ମଦ ବୋତଲ, ଅଫିସ ଫାଇଲମାନ ବୋହି ପାହାଡ ଉପରକୁ ଯାଉଥିଲେ। ରାଜଧାନୀ କଲିକତା ସେଠାରୁ ହଜାର ମାଇଲ ଥିଲା। ତାତି କମିଲେ ପୁଣି ସେମାନେ କଲିକତା ଫେରୁଥିଲେ। ସରକାରୀ ତହବିଲରୁ ଅଜସ୍ର ଅର୍ଥ ବ୍ୟୟ ହେଉଥିଲା, ସାହେବମାନଙ୍କୁ ଥଣ୍ଡା ରଖିବା ପାଇଁ। ସାରା ଭାରତରେ ଦୁର୍ଭିକ୍ଷର କରାଳ ଛାଇ ଘୁରି ବୁଲୁଥିଲା ବେଳେ ଏଠାରେ ଦଳେ ଦିନରାତି ମଉଜ ମଜଲିସରେ ବୁଡି ରହୁଥିଲେ। ହଜାର ହଜାର ବେଶ୍ୟାମାନେ ମଧ୍ୟ ଏହି ଧନକୁବେରଙ୍କୁ ଆକୃଷ୍ଟ କରି ନିଜ ପେଟ ପୋଷିବା ପାଇଁ ଡେରା ପକାଉଥିଲେ। ଅନେକ କୁମାରୀ ନିଜ ପସନ୍ଦର ସାଥି ପାଇବା ପାଇଁ ଏଠାକୁ ଆସୁଥିଲେ। ୧୯୦୩ ମସିହାରେ ଅନେକ ଅର୍ଥ ବ୍ୟୟ କରି ସିମଳାକୁ ଏକ ରେଳପଥ ଦ୍ୱାରା ସଂଯୋଗ କରାଗଲା। ସମତଳର କାଲକା ଷ୍ଟେସନରୁ ଏହାର ଦୂରତା ୧୦୦ କିମି। ୭୮୦ଟି ପୋଲ ଓ ୧୦୦ ଟନେଲ ଦେଇ ଏହି ରେଳପଥ ନିର୍ମିତ ହୋଇଥିଲା। ପ୍ରାୟ ୬ ଘଂଟା ସମୟ ଯିବାକୁ ଲାଗେ। ଅନେକ ଐତିହାସିକ ସମ୍ମିଳନୀର ଚିହ୍ନ ସିମଳାରେ ରହିଚି। ୧୮୩୩ ମସିହାରେ ଗଭର୍ଣ୍ଣର ଜେନେରାଲ ଲର୍ଡ ବେଂଟିକ ଓ ମହାରାଜା ରଣଜିତ ସିଂଙ୍କ ମଧ୍ୟରେ ଏଠାରେ ଆଲୋଚନା ହୋଇଥିଲା। ୧୯୧୪ ମସିହାରେ ଚୀନ୍, ତିବ୍ବତ ଓ ଭାରତ ମଧ୍ୟରେ ସୀମା ନିର୍ଦ୍ଧାରଣ କମିଟି ବସି ମାକ୍‌ମୋହନ ଲାଇନ ଟଣା ହୋଇଥିଲା। ୧୯୪୪ ମସିହାରେ ଲର୍ଡ ଓ୍ୱେଭେଲ ଭାରତର ସ୍ୱାଧୀନତା ବିଷୟରେ ଆଲୋଚନା ପାଇଁ କ୍ୟାବିମେଟ ମିଶନ ସହ ଭାରତୀୟ ନେତାଙ୍କ ବୈଠକ ଏଠାରେ ବସାଇଥିଲେ। ।୧୯୭୨ ମସିହାରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଓ ପାକିସ୍ଥାନ ପ୍ରଧାନମନ୍ତ୍ରୀ ଜେଡଏ ଭୁଟୋଙ୍କ ମଧ୍ୟରେ ପାକିସ୍ତାନୀ ଯୁଦ୍ଧବନ୍ଦୀ ମୁକ୍ତି ନେଇ ସିମଳା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ସିମଳାଠାରେ ଦକ୍ଷିଣ ଏସିଆର ସର୍ବବୃହତ ବାଇକ ରାଲି ଅନୁଷ୍ଠିତ ୨୦୦୬ ମସିହାରୁ ହୋଇଆସୁଛି (ହିମାଲୟାନ ବାଇକ ରାଲି)।

କାଲକା ସିମଳା ରେଳକୁ ୟୁନେସ୍କୋ ହେରିଟେଜରେ ସଂରକ୍ଷିତ ସ୍ଥାପତ୍ୟ ରୂପେ ଗ୍ରହଣ କରାଯାଇଛି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ କାର୍ଯ୍ୟକଳାପ ହେତୁ ଅନେକ ପର୍ଯ୍ୟଟକ ସିମଳାର ଶାନ୍ତ ପରିବେଶରେ ସମୟ କଟାଇବାକୁ ପସନ୍ଦ କରୁଛନ୍ତି। ସିମଳାରେ ଥିବା ଦର୍ଶନୀୟ ଓ ଐତିହାସିକ ସ୍ଥାନ ହେଲା, ଭାଇସେରାଲ ଲଜ, ଆସେମ୍ବଲି ଚାମ୍ବର, ଅକଲାଣ୍ଡ ହାଉସ, କ୍ରୀଷ୍ଟ ଚର୍ଚ୍ଚ କର୍ଟନ କାସଲ, ଗେଟି ହାଉସ, ସିମଳା ଥିଏଟର ମାଲ ବିପଣୀ, ହନୁମାନ ଯୋଥା, ତାରାଦେବୀ ମନ୍ଦିର, କାଳୀ ବାଡି ଶ୍ୟାମା କାଳୀ ମନ୍ଦିର, ଇଣ୍ଡିଆନ ଆଡଭାନସ ଷ୍ଟଡି ସେଂଟର, ଆର୍ମି ମ୍ୟୁଜିଅମ। ସିମଳାର ମାଲ ବିପଣୀରେରେ ସମସ୍ତ ପଦାର୍ଥ ମିଳେ। ଏଠାକୁ ଚାଲି ଚାଲି ଯିବାକୁ ହୁଏ। ଆଗରୁ କେବଳ ଭାଇସରାୟ ଓ ତାଙ୍କ ସ୍ତ୍ରୀଙ୍କ ଗାଡି ଯିବାକୁ ଅନୁମତି ଥିଲା। ସିମଳାର ଉପର, ମଝି ଓ ତଳ ବଜାରକୁ ଟନେଲ ଦ୍ୱାରା ଯୋଡାଯାଇଛି। ଜସୟଶର ହେଉଚି ଏକ ସମତଳ ଯାଗା, ମାଲ ପାର୍ଶ୍ୱରେ ରହିଚି। ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଏଠାରେ ହୋଇଥାଏ। ଗ୍ରୀଷ୍ମ ଦିନରେ ଏଠାରେ ସିମଳା ଫେଷ୍ଟିଭାଲ ଅନୁଷ୍ଠିତ ହେଉଚି। ଏଠାରେ ଭାରତ ସ୍କାଉଟ ଓ ଗାଇଡର ମୁଖ୍ୟ କାର୍ଯ୍ୟାଳୟ ରହିଚି। ନେଡାଲାଠାରେ ଘୋଡାଦୌଡ (Horse Race)ହୋଇଥାଏ। ଏଠାରେ ହେଲିପାଡ ଅଛି। ପ୍ରଥମ ଡୁରାଣ୍ଡ ଫୁଟବଲ କପ ଖେଳ ଏଠାରେ ୧୮୮୮ ମସିହାରେ ହୋଇଥିଲା। କ୍ରୀସ ଠାରେ ଆଇସ ସ୍କେଟିଙ୍ଗ ପଡିଆ ଅଛି। ରାଜ ସମୟର ଗୌରବ ନଥରଲେ ସିମଳା ଏବେ ମଧ୍ୟ ଅସଖ୍ୟ ଭ୍ରମଣକାରୀ ଙ୍କୁ ଆକର୍ଷିତ କରୁଅଛି।



# ଯଶସ୍ୱୀ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନ



ଭାରତୀୟ ଦର୍ଶନ, ସାହିତ୍ୟ, ସଂସ୍କୃତି, ଧର୍ମ, କଳା ଓ ରାଜନୀତି କ୍ଷେତ୍ରରେ ପରାକାଷ୍ଠା ପ୍ରଦର୍ଶନ କରିଥିବା ପୃଥିବୀର ବୌଦ୍ଧିକ ଜଗତର ଉଜ୍ଜ୍ୱଳ ଜ୍ୟୋତିଷ୍କ, ବହୁମୁଖୀ ପ୍ରତିଭାର ଅଧିକାରୀ, ଆଦର୍ଶ ଶିକ୍ଷକ ତଥା ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମଦିନକୁ ସେପ୍ଟେମ୍ବର ମାସ ୫ ତାରିଖରେ ୧୯୬୨ ମସିହାରୁ ସମଗ୍ର ଦେଶରେ ଗୁରୁଦିବସ ରୂପେ ପାଳନ କରାଯାଉଛି। ସର୍ବପଲ୍ଲୀ ରାଧାକୃଷ୍ଣନ ୫ ସେପ୍ଟେମ୍ବର ୧୮୮୮ରେ ମାନ୍ଦ୍ରାଜର ଉତ୍ତର ପଶ୍ଚିମକୁ ଚାଳିଶ ମାଇଲ ଦୂର କ୍ଷୁଦ୍ରପଲ୍ଲୀ ତୁରୁଭାଣୀ ଠାରେ ଏକ ସାଧାରଣ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ବୀରସ୍ୱାମୀ ଥିଲେ ଜଣେ ପୂଜକ ଓ ଗ୍ରାମ ଅବଧାନ। ସଞ୍ଜ ହେଲେ ରାଧାକୃଷ୍ଣନ ଘରୁ ପଦାକୁ ବାହାରୁ ନଥିଲେ, ବରଂ ନିରୋଳାରେ ଏକୁଟିଆ ରହିବାକୁ ଭଲ ପାଉଥିଲେ ଓ ପ୍ରତିଦିନ ସାବଧାନତା ସହ ଚଳିବାକୁ ପସନ୍ଦ କରୁଥିଲେ।

ଭେଲୋରରେ ଏଫ.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାନ୍ଦ୍ରାଜର ଖ୍ରୀଷ୍ଟିଆନ କଲେଜରେ ନାମ ଲେଖାଇ ସେଠାରେ ଦର୍ଶନ ଶାସ୍ତ୍ରରେ ସମ୍ମାନର ସହ ଖୁବ୍ ଭଲ ନମ୍ବର ରଖି ବି.ଏ. ପାଶ୍ କଲେ। ଅର୍ଥାଭାବ ତାଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଥିଲା। କିନ୍ତୁ ଦୁଃଖକଷ୍ଟ, ଅଭାବ ଅସୁବିଧା ମଧ୍ୟରେ ରହି ମାତ୍ର ୨୦ ବର୍ଷ ବୟସରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି ସ୍ନାତକୋତ୍ତର ପାଶ୍ କଲେ। ଶିକ୍ଷା ପରିସମାପ୍ତି ପରେ ମାତ୍ର ୨୧ ବର୍ଷ ବୟସରେ ୧୯୦୯ରେ ମାନ୍ଦ୍ରାଜର ପ୍ରେସିଡେନ୍ସି କଲେଜରେ ଦର୍ଶନ ଶାସ୍ତ୍ରର ସହକାରୀ ଅଧ୍ୟାପକ ପଦରେ ଯୋଗଦେଲେ। ଦର୍ଶନ ଶାସ୍ତ୍ରରେ ଅଗାଧ ଜ୍ଞାନ, ଛାତ୍ରବତ୍ସଳତା ତଥା ନିରହଙ୍କାର ସ୍ୱଭାବ ଯୋଗୁଁ ସୁଖ୍ୟାତି ଅର୍ଜନ କରି ସବୁ ମହଲରେ ସେ ଆଦୃତି ଲାଭ କରିଥିଲେ। ୧୯୧୦ ମସିହାରେ ସୈଦାପେଟସ୍ଥିତ ଶିକ୍ଷକ ତାଲିମ କଲେଜରୁ ଅଧିକ ନମ୍ବର ରଖି ଏଲ.ଟି. ଡିଗ୍ରୀ ଲାଭ କଲେ। ପ୍ରେସିଡେନ୍ସି କଲେଜରେ ୮ ବର୍ଷ ରହିବା ପରେ ୧୯୧୯ରେ ମହୀଶୁର ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗରେ ବିଭାଗୀୟ ମୁଖ୍ୟ ଭାବରେ ଯୋଗଦେଲେ। ଏହି ସମୟରେ ତାଙ୍କର ଗବେଷଣା ସମ୍ବଳିତ ଉଚ୍ଚକୋଟୀର ଦାର୍ଶନିକ ପ୍ରବନ୍ଧମାନ ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ ଏଥିକ୍ସ, ମନିଷ୍ଟ, କ୍ଲେଷ୍ଟ ସମେତ ଦେଶର ବିଭିନ୍ନ ପ୍ରମୁଖ ପତ୍ରପତ୍ରିକାରେ ପ୍ରକାଶିତ ହେଲା। କ୍ରମେ ସର୍ବଭାରତୀୟ ସ୍ତରରେ ଜଣେ ପ୍ରତିଭାସମ୍ପନ୍ନ ଦାର୍ଶନିକ ଭାବରେ ସ୍ୱୀକୃତି ଲାଭ କରି ବିପୁଳ ପ୍ରଶଂସା ଲାଭ କରିଥିଲେ।

୧୯୨୧ରେ ରାଧାକୃଷ୍ଣନ ମହୀଶୂରରୁ କଲିକତା ଯାଇ ସେଠାରେ ୧୯୩୧ ମସିହା ପର୍ଯ୍ୟନ୍ତ କଲିକତା ବିଶ୍ୱବିଦ୍ୟାଳୟର ସମ୍ରାଟ ପଞ୍ଚମ ଜର୍ଜ ଦର୍ଶନ ଚେୟାର ପ୍ରଫେସର ପଦବୀରେ ଅଧିଷ୍ଠିତ ହୋଇଥିଲେ। ସେ ପି.ଏଚ୍.ଡି ଏବଂ ଡି.ଏସ.ସି ଉପାଧି ମଧ୍ୟ ପାଇଥିଲେ। ୧୯୨୬ରେ ଅକ୍ସଫୋର୍ଡ ମାଞ୍ଚେଷ୍ଟର ମହାବିଦ୍ୟାଳୟ ତରଫରୁ ହିନ୍ଦୁ ଜୀବନର ଦର୍ଶନ ଉପରେ ଏକ ବକ୍ତୃତା ପ୍ରଦାନ ପାଇଁ ନିମନ୍ତ୍ରିତ ହୋଇଥିଲେ। କଲିକତା ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କାଳରେ ରାଧାକୃଷ୍ଣନ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଦର୍ଶନ କଂଗ୍ରେସରେ ପ୍ରତିନିଧିତ୍ୱ କରିଥିଲେ। ୧୯୨୯ରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ମାଞ୍ଚେଷ୍ଟର ମହାବିଦ୍ୟାଳୟର ପ୍ରାଚ୍ୟ ଧର୍ମ ବିଭାଗରେ ଅଧ୍ୟାପକ ରୂପେ ଯୋଗଦେଇ ଧର୍ମ-ନୀତି, ଆଦର୍ଶ ଉପରେ ପର୍ଯ୍ୟବେଶିତ ଅନେକ ନିବନ୍ଧ ଉପସ୍ଥାପନା ପାଇଁ ସୁଯୋଗ ପାଇଥିଲେ। ଆଦର୍ଶ ଓ ନୈତିକତାକୁ ମୂଳନୀତି କରି ସଭ୍ୟତା ଗଢିଉଠେ ବୋଲି ସେ ପ୍ରତିପାଦିତ କରିଥିଲେ। କିଛିକାଳ ପାଇଁ ସେ ଚିକାଗୋ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ଅଧ୍ୟାପକ ରୂପେ ମଧ୍ୟ କାର୍ଯ୍ୟ କରିଥିଲେ।

ଅଧ୍ୟାପକ ରୂପେ ରାଧାକୃଷ୍ଣନଙ୍କ ଅଧ୍ୟୟନ ଓ ଅଧ୍ୟାପନା ସ୍ମରଣୀୟ। ମୂଲ୍ୟବୋଧଭିତ୍ତିକ ଶିକ୍ଷାର ବିକାଶ ପାଇଁ ସେ କାର୍ଯ୍ୟ କରିଥିଲେ। ୧୯୩୫ରେ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ହେଲେ। କୁଳପତିତ୍ୱ ସମୟରେ ପ୍ରଶାସନିକ ପରିଚାଳନାଗତ ଦକ୍ଷତା ଯୋଗୁଁ ସେ ମହାତ୍ମା ଗାନ୍ଧୀଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଗାନ୍ଧିଜୀଙ୍କ ପରାମର୍ଶ ଅନୁଯାୟୀ ମଦନମୋହନ ମାଲବ୍ୟ ତାଙ୍କୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଗ୍ରହଣ କରିବା ପାଇଁ ଅନୁରୋଧ କରିବାରୁ ସେ ୧୯୩୯ରୁ ୧୯୪୮ ପର୍ଯ୍ୟନ୍ତ ଏହି ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଥିଲେ। ୧୯୪୪ରେ ଇଣ୍ଡିଆ-ଚାଇନା ଏଜୁକେସନ, ପଲିଟିକ୍ସ ଆଣ୍ଡ ଓ୍ୱାର ଇତ୍ୟାଦି ତାଙ୍କର ବହୁ ଉପାଦେୟ ପୁସ୍ତକ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଚଳିତ ପାଠ୍ୟକ୍ରମରେ ପ୍ରଚଳିତ ହୋଇଥିଲା। ଭାରତୀୟ ଦର୍ଶନ କଂଗ୍ରେସର ସଭାପତି, ମିଳିତ ଜାତିସଂଘ ଶିକ୍ଷା ଓ ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ଏବଂ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗର ଅଧ୍ୟକ୍ଷ ଆଦି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ଶିକ୍ଷାକ୍ଷେତ୍ରରେ ଥିବା ସମସ୍ୟା ଓ ତ୍ରୁଟିବିଚ୍ୟୁତିକୁ ଭଲଭାବେ ଅନୁଧ୍ୟାନ କରି ଶିକ୍ଷାକ୍ଷେତ୍ରରେ ଥିବା ବିଭିନ୍ନ ଆବଶ୍ୟକତା କିପରି ପୂରଣ କରାଯାଇପାରିବ ସେ ସମ୍ପର୍କରେ ସରକାରଙ୍କୁ ବହୁ ଗଠନମୂଳକ ତଥା ଉପାଦେୟ ରିପୋର୍ଟ ପ୍ରଦାନ କରିଥିଲେ।

ଏକାଧାରରେ ରାଧାକୃଷ୍ଣନ ଜଣେ ଆଦର୍ଶ ଶିକ୍ଷକ, ସଫଳ ପ୍ରଶାସକ, ବିଶ୍ୱବିଖ୍ୟାତ ଦାର୍ଶନିକ, କୁଟନୀତିଜ୍ଞ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଲେଖକ, ସୁବକ୍ତା, ସମାଲୋଚକ, ସଂସ୍କାରକ, ଶିକ୍ଷାବିତ୍ ତଥା ମାନବବାଦର ମହାନ ପ୍ରବକ୍ତା ଥିଲେ। ବ୍ରିଟିଶ ଏକାଡେମୀ ତାଙ୍କୁ ଫେଲୋସିପ୍ ଅଫ ଅଲ ସୋଲସ, ଏବଂ କଲିକତା ବିଶ୍ୱବିଦ୍ୟାଳୟ ଏଲ.ଏଲ.ଡି ଉପାଧି ପ୍ରଦାନ କରିଥିଲେ। ଆମେରିକାର ଏଡନବରୋ ବିଶ୍ୱବିଦ୍ୟାଳୟ ଏବଂ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟ ତାଙ୍କୁ ଡକ୍ଟର ଅଫ ଲ, ବଙ୍କିମହାମ ରାଜପ୍ରସାଦରେ ତାଙ୍କୁ ଦେଶର ସର୍ବୋଚ୍ଚ ଅଡର ଅଫ ମେରିଟ ପ୍ରଦାନ କରାଯାଇଥିବା ବେଳେ ମଙ୍ଗୋଲିଆ ସରକାର ଜ୍ଞାନଗୁରୁ, ଭାରତୀୟ ବିଦ୍ୟାଭବନ ତାଙ୍କୁ ବିଦ୍ୟାଭାସ୍କର ଉପାଧିରେ ଭୂଷିତ କରିଥିଲେ।

୧୯୪୯ରେ ଏହି ମହାନ ବ୍ୟକ୍ତି ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହରଲାଲ ନେହେରୁଙ୍କ ଦ୍ୱାରା ସୋଭିଏତ ସଂଘ ରାଷ୍ଟ୍ରଦୂତ ଭାବରେ ଅବସ୍ଥାପିତ ହେଲେ। ଏହି ସମୟରେ ସେ ଉପନିଷଦକୁ ଇଂରାଜୀ ଭାଷାରେ ଅନୁବାଦ କରିଥିଲେ। ସେତେବେଳେ ଷ୍ଟାଲିନ୍ ସୋଭିଏତ୍ ରୁଷର ସର୍ବମୟ କର୍ତ୍ତା ଥାଆନ୍ତି। ଆବଶ୍ୟକସ୍ଥଳେ ତାଙ୍କ ସହ ସାକ୍ଷାତ କରିବା ଜଣେ ସାଧାରଣ ପଦାଧିକାରୀଙ୍କ ପାଇଁ କଷ୍ଟସାଧ୍ୟ ବ୍ୟାପାର ଥିଲା। ମାତ୍ର ଭାରତର ଜଣେ ବିଶ୍ୱବିଖ୍ୟାତ ଦାର୍ଶନିକ ତାଙ୍କ ଦେଶକୁ ରାଷ୍ଟ୍ରଦୂତ ରୂପେ ନିଯୁକ୍ତି ପାଇ ପ୍ରେରିତ ହୋଇଥିବା ଜାଣିବା ପରେ ଷ୍ଟାଲିନ୍ ନିଜ ତରଫରୁ ସାକ୍ଷାତକାର ପାଇଁ ରାଧାକୃଷ୍ଣନଙ୍କୁ ନିମନ୍ତ୍ରଣ ଜଣାଇଥିଲେ। ତାଙ୍କ ଚେଷ୍ଟା ଯୋଗୁଁ ରୁଷ ଓ ଭାରତ ମଧ୍ୟରେ ଥିବା ବନ୍ଧୁତା ଅତି ସୁଦୃଢ ହୋଇପାରିଥିଲା। ମାତ୍ର ଶାରୀରିକ ଅସୁସ୍ଥତା ତାଙ୍କୁ ବିଦେଶରେ ବେଶୀ ଦିନ ରଖାଇ ପାରି ନ ଥିଲା। ଫଳରେ ସେ ଭାରତକୁ ଫେରିଆସି ୧୯୫୨ରେ ସବୁ ଦଳର ସମର୍ଥନରେ ସର୍ବସମ୍ମତିକ୍ରମେ ଦେଶର ଉପରାଷ୍ଟ୍ରପତି ହେଲେ ଏବଂ ରାଜ୍ୟସଭାର ଅଧ୍ୟକ୍ଷ ଭାବରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ।

୧୯୬୨ ମଇ ୧୨ରେ ସେ ଭାରତର ସର୍ବୋଚ୍ଚ ପଦବୀ ରାଷ୍ଟ୍ରପତି ପଦକୁ ନିର୍ବାଚିତ ହୋଇଥିଲେ। ରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ପରେ ତାଙ୍କ ଜୟନ୍ତୀ (ଜନ୍ମତିଥି) ପାଳନ ପାଇଁ ଯେତେବେଳେ ତାଙ୍କୁ ପଚରାଗଲା ସେ କହିଲେ, "ମୁଁ ଜଣେ ସାଧାରଣ ଶିକ୍ଷକ। ଶିକ୍ଷକତାରୁ ଆସି ମୁଁ ଭାରତର ସର୍ବୋଚ୍ଚ ରାଷ୍ଟ୍ରପତି ପଦ ଅଧିକାର କରିପାରିଛି। ମୋ ଜନ୍ମତିଥିରେ ମୋତେ ସମ୍ମାନିତ ନକରି ଯଦି ସମଗ୍ର ଗୁରୁକୁଳକୁ ସମ୍ମାନିତ କରାଯାଏ, ତେବେ ତାହା ମୋ' ପାଇଁ ଶ୍ରେଷ୍ଠ ସମ୍ମାନ ହେବ।" ଫଳରେ ତାଙ୍କ ଇଚ୍ଛାନୁସାରେ ୧୯୬୨ ମସିହାଠାରୁ ସେପ୍ଟେମ୍ବର ୫ ତାରିଖକୁ ସମଗ୍ର ଦେଶରେ ଗୁରୁଦିବସ ରୂପେ ପାଳନ କରାଯାଉଅଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୁତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଅଗଷ୍ଟ ୦୯

# ନିଷ୍କପଟ ମଣିଷ ହିଁ ସୁଖୀ


ନିରୁପମା ଭୂୟାଁ

ଆଜିର ବସ୍ତୁ ସର୍ବସ୍ୱ, ଧାଁ ଧଉଡ ଜୀବନ ଭିତରେ ସମସ୍ତେ କିନ୍ତୁ ନିଜକୁ ସୁଖି ରଖିବା ପାଇଁ ପ୍ରୟତ୍ନ କରିଥାନ୍ତି । ସୁଖ ଏପରି ଏକ ଅମୂଲ୍ୟ ରତ୍ନ ଯାହା କେଉଁଠି ବିକ୍ରି କରାଯାଇନଥାଏ । ଏହାକୁ ପାଇବା ପାଇଁ ଆଧାତ୍ମିକ ଚେତନାର ବିକାଶ ଉପରେ ଆଜିର ଛୋଟିଆ ଆଲୋଚନାଟି ରଖୁଛୁ । ପ୍ରତ୍ୟେକ ବ୍ୟକ୍ତିର ହୃଦୟ ସରଳ ନିଷ୍କପଟ ହେବା ଉଚିତ । ସରଳ ହୃଦୟ ପାଇଁ ଆବଶ୍ୟକ ବିନମ୍ରତା । ଏହା ହିଁ ହେଉଛି ସୁଖୀ ଜୀବନର ମୂଳ ମନ୍ତ୍ର । ଆଜି ଅନେକ ଲୋକ ବିଶ୍ୱାସ କରୁଛନ୍ତି ଯେ ଉନ୍ନତି ପାଇଁ ବ୍ୟକ୍ତିକୁ କୁଟିଳ ଓ ଚତୁର ହେବା ଆବଶ୍ୟକ । ଏପରି ବ୍ୟକ୍ତି ଜୀବନରେ କେବଳ କ୍ଷଣସ୍ଥାୟୀ ସୁଖ ହାସଲ କରିବାରେ ସଫଳ ହୋଇପାରନ୍ତି । କିନ୍ତୁ କେବେ ହେଲେ ଆତ୍ମ ସନ୍ତୋଷ ଲାଭ କରିପାରନ୍ତି ନାହିଁ । ସୁଖ-ଦୁଃଖର ପ୍ରସଙ୍ଗକୁ ନେଇ ଆଲୋଚନା ରଖୁଥିଲାବେଳେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ କାଳଜୟୀ ସ୍ମରଣୀୟ ଧାଡ଼ିଟି ଉଲ୍ଲେଖ କରୁଛି - 'ଆଜି ଯେ ସୁଖ - ସୁଧା କରେ ବର୍ଷଣ, କାଲି ସେ ଦୁଃଖ କାଳକୁଟ କାରଣ, ବିକଚ କୁସୁମକୁ କଣ୍ଟକ ସରି ସୁଖକୁ ଦୁଃଖ ସଦା ଅଛି ଆଦରି । ଯହିଁରେ ନିହିତ ଯେତିକି ସୁଖ, ତହିଁ ପ୍ରଚ୍ଛନ୍ନଟି ତେତିକି ଦୁଃଖ' ।

ସେହିଭଳି ସବୁବେଳେ କପଟ କରୁଥିବା ବ୍ୟକ୍ତିର ଇଚ୍ଛାଶକ୍ତି, କଳ୍ପନା ଶକ୍ତି ଓ ସୃଜନଶୀଳତା ତଥା ଏକାଗ୍ରତା ଦୁର୍ବଳ ହୋଇଯାଏ । ଏହା ବ୍ୟକ୍ତିର ମନୋବଳକୁ ବହୁ ପରିମାଣରେ କମାଇ ଦେଇଥାଏ । ଏପରି ବ୍ୟକ୍ତିର ଚରିତ୍ର ଓ ବ୍ୟକ୍ତିତ୍ୱରେ ପବିତ୍ରତା ରୁହେ ନାହିଁ । ଆଧାତ୍ମିକ ଦୃଷ୍ଟିକୋଣରୁ ଦେଖିଲେ କପଟ କରୁଥିବା ବ୍ୟକ୍ତି ନିଜର ପ୍ରକୃତ ସ୍ୱଭାବଠାରୁ ଦୂରେଇ ଯାଏ । ତେଣୁ ବ୍ୟକ୍ତିକୁ ନିଷ୍କପଟ ହେବା ଉଚିତ । ନିଷ୍କପଟ ହେବାପାଇଁ ସବୁଠାରୁ ବଡ଼ ଉପାୟ ହେଉଛି ଅହଂକାରକୁ ତ୍ୟାଗ କରିବା । ନିଷ୍କପଟ ବ୍ୟକ୍ତି ଇନ୍ଦ୍ରିୟକୁ ନିୟନ୍ତ୍ରଣ କରିବାରେ ସମର୍ଥ ହୋଇପାରେ । ଆଉ ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖିପାରୁଥିବା ବ୍ୟକ୍ତି ଜୀବନରେ ଦୁଃଖର ଅବକାଶ ନଥାଏ । କେବଳ ସେତିକି ନୁହେଁ ନିଷ୍କପଟ ବ୍ୟକ୍ତିର ଆଧାତ୍ମିକ ଚେତନାକୁ ଦୃଢ଼ ହେବା ସହ ବ୍ୟକ୍ତି ସତ୍‌ମାର୍ଗରେ ପରିଚାଳିତ ହୋଇଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଷ୍କପଟ ଭାବରେ ନିଜର କର୍ମ କରିବା ଉଚିତ । ଏହାଦ୍ୱାରା ସବୁପ୍ରକାର ଘାତ ପ୍ରତିଘାତକୁ ପଛରେ ପକାଇ ବ୍ୟକ୍ତି ସଫଳତାର ପାହାଚ ଅତିକ୍ରମ କରିପାରେ । ଏହି ମର୍ମରେ ମନେପଡୁଛି ଉତ୍କଳକବି ମଧୁସୂଦନଙ୍କ କାଳଜୟୀ ଧାଡ଼ିଟି - 'ମୁକୁଟ ମଣ୍ଡିତ ରାଜଶିର, ନୁହଁଇ ଶାନ୍ତି ଆସ୍ପଦ, ଆଶଙ୍କା ଭୟ ବିପଦ । ନିରନ୍ତର ରାଜମନ କରଇ ଅସ୍ଥିର, ଆଜି ଯେ ରାଜାନ୍ଦ୍ରେ ଆସନେ କାଲି ସେ ଫକିର' ।

*ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦*

# ପତାକା ଦିବସ


ଡ଼ଃ.ଅରୁନ୍ଧତୀ ଦେବୀ

ଆମ ଦେଶର ପ୍ରଥମ ଜାତୀୟ ପତାକା ୧୯୦୬ ମସିହା ଅଗଷ୍ଟ ୭ ତାରିଖ ଦିନ କଲିକତାର ଗ୍ରୀନ ପାର୍କ ଠାରେ ଉତ୍ତୋଳନ କରାଯାଇଥିଲା । ସେତେବେଳେ ପ୍ରଥମେ ପତାକାରେ ସ୍ଥାନିତ ହୋଇଥିଲା ସବୁଜ, ହଳଦିଆ ଓ ଲାଲ ତିନୋଟି ରଙ୍ଗ । ବନ୍ଦେ ମାତରମ୍' ଲେଖାଯିବା ପରେ ୧୯୨୧ ମସିହାରେ ଉତ୍ତୋଳିତ କରାଯାଇଥିଲା ଆମର ନୂତନ ଜାତୀୟ ପତାକା । ଏହା ପୂର୍ବରୁ ଜାତୀୟ ପତାକାକୁ ଅନେକଥର ପ୍ରସ୍ତୁତ କରାଯାଇଥିଲା । ୧୯୦୭ ଅଗଷ୍ଟ ୨୨ ତାରିଖଦିନ ମାଡ଼ାମ୍ କାମାଙ୍କ ଦ୍ୱାରା ଆମ ଦେଶର ଦ୍ୱିତୀୟ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା । ଏହାପରେ ୧୯୧୭ ମସିହାରେ ଡକ୍ଟର ଆନିବେଶାନ୍ତ ଓ ଲୋକମାନ୍ୟ ତିଲକଙ୍କ ଦ୍ୱାରା ଦୁଇ ରଙ୍ଗ ବିଶିଷ୍ଟ ପତାକା ଉତ୍ତୋଳନ ହୋଇଥିଲା । ୧୯୨୧ ଖ୍ରୀଷ୍ଟାବ୍ଦରେ ଏହା ତିନି ରଙ୍ଗ ବିଶିଷ୍ଟ ପତାକା ହେଲା । ଆମ ପ୍ରିୟ ପତାକାର ଶୁଭ ନାମ ତ୍ରିରଙ୍ଗା' । ଏଥିରେ ତିନିଗୋଟି ରଙ୍ଗର ସମାହାର ଥିବାରୁ ଏହାକୁ ତ୍ରିରଙ୍ଗା ନାମ ଦିଆଯାଇଥିଲା । ଜାତୀୟ ପତାକାକୁ ସମସ୍ତେ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ତ୍ରିରଙ୍ଗାର ଉପରି ଭାଗରେ ଥିବା କମଳା ରଙ୍ଗ ତ୍ୟାଗ, ଐଶ୍ୱର୍ଯ୍ୟ ଓ ସାହସର ପ୍ରତୀକ ହେଉଥିବା ବେଳେ ମଝିରେ ଥିବା ଧଳାରଙ୍ଗ ସତ୍ୟ, ଶାନ୍ତି, ମୈତ୍ରୀ ବିଶ୍ୱଭାତୃତ୍ୱର ପ୍ରତୀକ ଏବଂ ନିମ୍ନରେ ଥିବା ସବୁଜ ରଙ୍ଗ ବିଶ୍ୱାସ, ଉର୍ବର ଭୂଖଣ୍ଡମାନ ଓ ସବୁଜ ବିପ୍ଳବର ପ୍ରତୀକ ସୂଚାଇ କରିଥାଏ । ପତାକା ମଧ୍ୟରେ ଥିବା ଅଶୋକ ଚକ୍ର ସତ୍ୟ, ଧର୍ମ ଓ ନ୍ୟାୟର ପରମ ବିଜୟ ସଂପର୍କରେ ସର୍ବଦା ସୂଚନା ଦେଇଥାଏ । ଏହି ପବିତ୍ର ଅଶୋକଚକ୍ର ଯଥାର୍ଥରେ ବୁଝାଇ ଦିଏ ସତ୍ୟମେବ ଜୟତେ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ*


# ସାବରମତିରେ ପ୍ରଥମ ଓଡ଼ିଆ


ଯଶସ୍ୱିନୀ ପଟ୍ଟନାୟକ

ସ୍ୱାଧୀନ ଦିବସ ପାଳନ ହେବାକୁ ଯାଉଥିବାବେଳେ ଏକ ଅନାଲୋଚିତ ପ୍ରସଙ୍ଗ ଉପରେ ଆମେ ଏଠାରେ ଆଲୋକପାତ କରୁଛୁ । ସ୍ୱାଧୀନତା ସଂଗ୍ରାମର ମୂଳ କ୍ଷେତ୍ର ତଥା ଜାତି ପିତା ମହାତ୍ମାଙ୍କ ପ୍ରିୟ ବାପୁଜୀଙ୍କ ସିଦ୍ଧି ଓ ସାଧନାର କ୍ଷେତ୍ର ଥିଲା ଗୁଜୁରାଟର ସାବରମତି । ତେବେ ସାବରମତିରେ ପ୍ରଥମ ଓଡ଼ିଆ କିଏ ଥିଲେ ତାହା ହେଉଛି ଏହି ଲେଖାର ଉପସ୍ଥାପନ । ଲୋମହର୍ଷଣକାରୀ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ସେତେବେଳେ ଓଡ଼ିଶାରେ ଭୟଙ୍କର ଦୁର୍ଭିକ୍ଷ । ଲୋକେ ପୋକମାଛି ଭଳି ମରୁଥାନ୍ତି । ଏହି ସମୟରେ ସାବରମତିରେ ପହଞ୍ଚିଥିଲେ ଓଡ଼ିଆ ଯୁବକ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର । ଓଡ଼ିଶାର ଦୁଃଖ ଜଣାଇ ସାହାଯ୍ୟ ସହଯୋଗ ମଧ୍ୟ ପାଇଥିଲେ । କାର୍ଯ୍ୟଶୈଳୀ ଏବଂ ପାରଦର୍ଶିତା ବଳରେ ଗାନ୍ଧିଜୀଙ୍କ ଅତି ପ୍ରିୟ ହୋଇଥିଲେ ଗୋବିନ୍ଦ । ତାଙ୍କୁ ଗାନ୍ଧିଜୀଙ୍କ କନିଷ୍ଠ ପୁତ୍ର ବୋଲି କୁହାଯାଉଥିଲା । ୧୮୮୮ ମସିହା, ଡିସେମ୍ବର ୩୧ ତାରିଖରେ ଦଶପଲ୍ଲାର ଏକ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ବିପ୍ଳବୀ ଗୋବିନ୍ଦ । ବାପାଙ୍କ ନାମ ବୈଦ୍ୟନାଥ ମିଶ୍ର । ତାଙ୍କ ପରିବାର ଉପରେ ଦଶପଲ୍ଲା ରାଜାଙ୍କ କୃପା ରହିଥିଲା । ମାତ୍ର ବାପାଙ୍କ ବିୟୋଗ ପରେ ସେ ରାଜାଙ୍କ ଅନୁଗ୍ରହରୁ ବଞ୍ଚିତ ହେଲେ । ଏଣୁ ବାଲ୍ୟାରୁ ଦରିଦ୍ର ହୋଇଗଲେ ଗୋବିନ୍ଦ ମିଶ୍ର । ସେ ଛାତ୍ରଥିବା ବେଳେ ଦଶପଲ୍ଲାରେ ସଂଗଠିତ ହୋଇଥିଲା ପ୍ରଜାମେଳି । କାରଣ ଥିଲା ଦଶପଲ୍ଲାର ଶେଷ ରାଜା ନାରାୟଣ ଭଂଜଦେଓ ତାଙ୍କ ଉତ୍ତରାଧିକାରୀ ପାଇଁ ଦେୱାନଙ୍କ ଖଳ ପ୍ରରୋଚନାରେ ସାତବର୍ଷର ନାତିକୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ । ରାଜାଙ୍କ ମୃତ୍ୟୁ ସମୟରେ ତାଙ୍କ ପୋଷ୍ୟପୁତ୍ର ନାବାଳକ ଥିବାରୁ ଦଶପଲ୍ଲା ରାଜ୍ୟ କୋର୍ଟ୍‌ଅଫ୍‌ୱାର୍ଡସ ଭୁକ୍ତ ହେଲା ଓ ରାଜ୍ୟର ସୁପରିଟେଣ୍ଡେଣ୍ଟ ହେଲେ କୃଷ୍ଣଚନ୍ଦ୍ର ଦେୱାନ ଭାଗ୍ୟଗ୍ରାହୀ ବିଶ୍ୱାଳ । ତା'ପରେ ଆରମ୍ଭ ହେଲା ପ୍ରଜାଙ୍କ ରକ୍ତଶୋଷଣ । ବଢ଼ିଲା ବେଠି, ଖଜଣା ଓ କର ଆଦାୟ । ଧୀରେ ଧୀରେ ଅସନ୍ତୋଷ ବଢ଼ି ପ୍ରଜାମେଳିର ରୂପନେଲା । ବିପ୍ଳବୀ ମିଶ୍ର ସେତେବେଳେ ଗୋପବନ୍ଧୁ, ମଧୁସୂଦନ, ଜାନକୀନାଥ ବସୁଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସାହାଯ୍ୟ ଭିକ୍ଷାକଲେ କିନ୍ତୁ କେହି ସାକ୍ଷି ଦେଲେ ନାହିଁ । ଶେଷରେ ନିରାଶ ହୋଇ ଗୋବିନ୍ଦ ଚାଲିଗଲେ ସାବରମତିକୁ । ସ୍ୱାଧୀନତାର ଭାରତରେ ପ୍ରଥମ ରାଜ୍ୟ ସଭାର ସଦସ୍ୟତା ଲାଭ କରିଥିଲେ । ୧୯୬୭ ମସିହାରେ ଲିଭିଗଲା ଏହି କିମ୍ବଦନ୍ତୀ ପୁରୁଷଙ୍କର ଜୀବନ ଦୀପ ।

*ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ*

# ସତଚାଳିଶର ସୂର୍ଯ୍ୟୋଦୟ ଥିଲା ଭାରତୀୟଙ୍କ ପାଇଁ ବହୁ ପ୍ରତୀକ୍ଷିତ


ପ୍ରଦୀପ ସେନାପତି

୧୯୪୭ ମସିହା ଅଗଷ୍ଟ ୧୪ ତାରିଖ । ସକାଳୁ ସକାଳୁ ହିଁ ଦେଶର ବିଭିନ୍ନ ସହର, ଗ୍ରାମା ଳରେ ଉତ୍ସବର ମାହୋଲ ଆରମ୍ଭ ହୋଇଯାଇଥିଲା । ଆକାଶରେ ମେଘ ଘୋଟି ରହିବା ସହ ବର୍ଷା ବି ହେଉଥିଲା । ସତେଅବା ଭାରତର ଭାଗ୍ୟ ପୃଷ୍ଠାରୁ ବ୍ରିଟିଶ ଶାସନ ସମୟର ସବୁ କାଳିମା ଧୋଇଦେଇ ଆଗାମୀ ସୂର୍ଯ୍ୟର ସୁନେଲି କିରଣରେ ନୂଆ ଇତିହାସ ଦେଖିବାକୁ ସ୍ଥାନ ପରିଷ୍କାର କରିଦେଲା । ଅବଶ୍ୟ ଦେଶର କେତେକ ଅ ଳରେ ବିଭାଜନ ପରେ ଦଙ୍ଗାର ଭୟଙ୍କର ସ୍ଥିତି ଦେଶ ସମ୍ମୁଖୀନ ହୋଇଥିଲା । ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଏହା ଏତେ ବ୍ୟଥିତ କରିଥିଲା ଯେ ସେ ବାରମ୍ବାର ଅନୁରୋଧ ସ େ ସ୍ୱାଧୀନତାର ଉତ୍ସବରେ ଯୋଗନଦେଇ କଲିକତାର ବେଲିୟାଘାଟ ଅ ଳରେ ଚୁପଚାପ ରହି ଶାନ୍ତିପାଇଁ ପ୍ରାର୍ଥନା କରୁଥିଲେ । ତଥାପି ପରାଧିନତାର ବେଡ଼ିରୁ ମୁକ୍ତି ପାଇବାର ଉଲ୍ଲାସ ଭାରତୀୟମାନଙ୍କୁ ଆତ୍ମହରା କରିଥିଲା । ଆଜି ଦିନକ ପରେ ସବୁକିଛି ଠିକ୍ ହୋଇଯିବ ବୋଲି ଭାବି ସେମାନେ ଈଶ୍ୱରଙ୍କ ନିକଟରେ ଦେଶର ମଙ୍ଗଳ ମନାସି ଚାଲିଥିଲେ । ଦିଲ୍ଲୀ ବାସିନ୍ଦା ନିଜନିଜ ଘରୁ ବାହାରି ସାଇକଲ, କାର, ବସ୍, ରିକ୍ସା, ଘୋଡ଼ାଗାଡ଼ି, ଏପରିକି ହାତୀ, ଘୋଡ଼ା, ଗଧ ପିଠିରେ ବି ସବାର ହୋଇ ଇଣ୍ଡିଆ ଗେଟ ଦିଗରେ ଆଗେଇ ଚାଲିଥିଲେ । ଚାରିଆଡ଼େ ରାଷ୍ଟ୍ରଗୀତର ଧ୍ୱନି ଶୁଣାଯାଉଥିଲା । କେବଳ ଦିଲ୍ଲୀ ସହର ନୁହେଁ, ଚାରିପଟୁ ଯେମିତି ଜନସମୁଦ୍ର ଦିଲ୍ଲୀକୁ ମାଡ଼ି ଆସୁଥିଲା । ଲୋକେ ନାଚଗୀତ କରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଉଥିଲେ । ଦୂରଦୂରାନ୍ତରୁ କିଛି ନଜାଣି ମାଡ଼ି ଆସିଥିବା ଲୋକେ ଏସବୁର କାରଣ ସ୍ପଷ୍ଟ ଜାଣି ନପାରି ପଚାରିବାରୁ ତାଙ୍କୁ ଉ ର ମିଳୁଥିଲା ଆରେ ଜାଣିନ ଇଂରେଜ ଯାଉଛନ୍ତି । ଆଜି ନେହେରୁଜୀ ଦେଶର ପତାକା ଉଡ଼ାଇବେ । ଆମେ ସ୍ୱାଧୀନ ହୋଇଗଲେ । ଖ୍ୟାତନାମା ଲେଖକ ଡୋମିନିକ୍ ଲାପିଏରେ ଏବଂ ଲ୍ୟାରୀ କୋଲିନସ୍ ନିଜ ପୁସ୍ତକ "ଫ୍ରିଡ଼ମ୍ ଆଟ ମିଡ଼ିନାଇଟ' ରେ ଏହି ଐତିହାସିକ ଦିନ ସଂପର୍କରେ ଏଭଳି ବର୍ଣ୍ଣନା କରିଛନ୍ତି । ଏହା ସହିତ ଅଗଷ୍ଟ ୧୪, ତାରିଖରେ ଘଟଣା ସମ୍ପର୍କରେ ଏଥିରେ ଉଲ୍ଲେଖ ଅଛି - ସେନାଛାଉଣି, ସରକାରୀ କାର୍ଯ୍ୟାଳୟ ଏବଂ ନିଜସ୍ୱ ଘର ଉପରେ ଉଡୁଥିବା ୟୁନିଅନ ଜ୍ୟାକ୍ ବାହାର କରାଯାଇ ସାରିଥିଲା । ଅଗଷ୍ଟ ୧୪ ତାରିଖରେ ସୂର୍ଯ୍ୟ ଅସ୍ତହେବା ବେଳକୁ ସାରା ଦେଶରେ ଥିବା ଧ୍ୱଜ-ଦଣ୍ଡରୁ ନିଜକୁ ଅପସାରଣ କରି ସାରିଥିଲା ବ୍ରିଟିଶ ଶାସନର ପତାକା ୟୁନିଅନ୍ ଜ୍ୟାକ୍ । ସତେଯେପରି ସେ ଚୁପ୍‌ଚାପ୍ ଭାରତୀୟ ଇତିହାସର ଏକ କୋଣରେ ନିଜକୁ ଲୁଚାଇ ଦେବାକୁ ଚାହୁଁଥିଲା । ସ୍ୱାଧୀନତାର ଭବ୍ୟ ସମାରୋହ ଲାଗି ରାତି ଅଧ ବେଳକୁ ସଂସଦ ଭବନ (ସେତେବେଳର କାଉନ୍‌ସିଲ ହାଉସ) ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିଲା । ଯେଉଁ କକ୍ଷଗୁଡ଼ିକରେ ଭାରତର ଭାଇସରାୟଙ୍କ ଭବ୍ୟ ତୈଳଚିତ୍ର ଲଗାଯାଇଥିଲା । ସେଠାରେ ସଗର୍ବେ ଶୋଭା ପାଉଥିଲା ଏକାଧିକ ତ୍ରିରଙ୍ଗା । ସନ୍ଧ୍ୟା ହୋଇଆସିବା ସହ ପ୍ରତ୍ୟେକ ଭାରତୀୟଙ୍କ ହୃତ୍‌ସ୍ପନ୍ଦନ ଯେପରି ବଢିଚାଲିଥିଲା । ସଂସଦ ଭବନ ବାହାରେ ଲୋକଙ୍କ ଭିଡ଼ ବଢି ଚାଲିଥିଲା । କେହି ତ୍ରିରଙ୍ଗା ଉଡ଼ାଉଥିଲେ ତ କେହି ଶଙ୍ଖ ଏବଂ ଘ ଧ୍ୱନି କରିବାରେ ଲାଗିଥିଲେ । ରାତି ଠିକ୍ ୧୧ଟା ବେଳକୁ ଡ଼. ରାଜେନ୍ଦ୍ର ପ୍ରସାଦଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ସଭାର କାର୍ଯ୍ୟ ଆରମ୍ଭ ହେଲା । ସୁଚେତା କୃପାଳିନୀ ବନ୍ଦେ ମାତରମ୍ ଗାଇବା ଆରମ୍ଭ କଲେ । ଏହି ଶବ୍ଦ ବାହରକୁ ଶୁଣାଯିବାମାତ୍ରେ ସମବେତ ଜନତାଙ୍କ ବନ୍ଦେମାତରମ୍ ଗାୟନରେ ପରିବେଶ ମୁଖରିତ ହୋଇପଡ଼ିଲା । ଏ ସମ୍ପର୍କରେ ବିଧାୟକ ସଭାର ସମସ୍ତ ସଭ୍ୟ ଏହି ଐତିହାସିକ ଉତ୍ସବରେ ଯୋଗଦେଇଥିଲେ । ସଭାଗୃହଟି ଆଲୋକରେ ଉଦ୍ଭାସିତ ହୋଇ ଉଠିଥିଲା । କାନ୍ଥଯାକ ଜାତୀୟ ପତାକାରେ ସଜ୍ଜିତ ହୋଇଥିଲା । ଅଳ୍ପ କେତେଜଣଙ୍କ ଛଡ଼ା ପ୍ରାୟ ସମସ୍ତେ ଧୋତି, କୁ ା ପିନ୍ଧିଥିଲେ । ବକ୍ତାମାନଙ୍କ ଭାଷଣମାନ ଶୁଣିବା ପାଇଁ ଡ଼ାକବାଜି ଯନ୍ତ୍ରମାନ ଖଞ୍ଜା ଯାଇଥିଲା । ରାସ୍ତାଘାଟ ଲୋକାରଣ୍ୟ ହୋଇଯାଇଥିଲା । ବିଧାୟକ ସଭାର ସଭାପତି ଡ.ରାଜେନ୍ଦ୍ର ପ୍ରସାଦ ଧୋତି ପିନ୍ଧି ଆସିଥିଲେ । ସେ ସଭାପତି ଆସନ ଗ୍ରହଣ କରି ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଦେଶର ସ୍ୱାଧୀନତା ସ୍ୱପ୍ନ ସଫଳ ହୋଇଛି ବୋଲି ତାଙ୍କୁ ନିଜର ତଥା ସଭାର ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଠିକ୍ ଅଧରାତି ହେବା ବେଳକୁ ସମସ୍ତେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସମ୍ବୋଧନକୁ ଅପେକ୍ଷା କରିଥିଲେ । ନିୟତି ସହ ସାକ୍ଷାତ କରାଉଥିବା ପଣ୍ଡିତ ନେହେରୁଙ୍କର ପ୍ରତିଟି ଶବ୍ଦ ଇତିହାସ ସୃଷ୍ଟି କରୁଥିଲା । ଘ ।କ ।ରେ ଠିକ୍ ୧୨ଟା ବାଜିବା ମାତ୍ରେ ହଠାତ୍ ଶଙ୍ଖ ଧ୍ୱନି ଗୁଞ୍ଜରିତ ହେଲା । ପ୍ରତ୍ୟେକ ଭାରତୀୟଙ୍କ ଶରୀର ଏକ ଅଦ୍ଭୁତ ଆନନ୍ଦ ଓ ଉନ୍ମାଦନାରେ ଶିହରିତ ହୋଇ ଉଠିଲା । କାରଣ ତାହା ଥିଲା ସ୍ୱାଧୀନତାର ଶଙ୍ଖନାଦ । ସମ୍ବିଧାନ ସଭାର ସମସ୍ତ ସଦସ୍ୟ ନିଜନିଜ ସ୍ଥାନରେ ଛିଡ଼ା ହୋଇଗଲେ ଏବଂ ସ୍ୱାଧୀନ ଭାରତରେ ମାନବତାର ସେବା କରିବା ଲାଗି ଶପଥ ନେଇଥିଲେ । ଡ. ରାଜେନ୍ଦ୍ର ପ୍ରସାଦ ମହାତ୍ମାଗାନ୍ଧୀଙ୍କ ଜୟଧ୍ୱନି ମଧ୍ୟରେ ଘୋଷଣା କରିଥିଲେ ଯେ ସମ୍ବିଧାନ ସଭା ଭାରତର ଶାସନଭାର ଗ୍ରହଣ କରି ସାରିଛି ଏବଂ ୧୯୪୭ ଅଗଷ୍ଟ ୧୫ ତାରିଖରୁ ମାଉ ବ୍ୟାଟେନ୍ ସ୍ୱାଧୀନ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ ହେବେ । ଏହି ମୁହୂ ୍ତ ୧୯୪୭ ଅଗଷ୍ଟ ୧୬ ତାରିଖ ଘ ।କ ।ଠିକ୍ ୧୨ଟା ଉପରକୁ ଯିବା ମାତ୍ରେ ପଣ୍ଡିତ ଗୋବିନ୍ଦ ମାଳବ୍ୟ ଶଙ୍ଖ ବଜାଇଲେ । ବିଧାୟକ ସଭାର ବୈଠକ ଠିକ୍ ଏଗାରଟାରେ ଆରମ୍ଭ ହୋଇ ବାରଟା ପନ୍ଦର ମିନିଟ୍‌ରେ ସରିଲା । ସଭାପତି ରାଜେନ୍ଦ୍ର ପ୍ରସାଦ ତାଙ୍କର ପ୍ରାରମ୍ଭିକ ବକ୍ତୃତାରେ କହିଲେ - ଭଗବାନ ଏ ଦେଶକୁ ଆଶୀର୍ବାଦ କରନ୍ତୁ । ଶହୀଦମାନଙ୍କ କଥା ଉଲ୍ଲେଖ କରି ସେ ଗାନ୍ଧିଜୀଙ୍କର ବିପୁଳ ପ୍ରଶଂସା କରିଥିଲେ । ପୃଥିବୀର ବିଭିନ୍ନ ରାଜ୍ୟ ପ୍ରତି ଏ ଦେଶର ବନ୍ଧୁତା ସେ ଘୋଷଣା କଲେ । ପାକିସ୍ତାନ ପ୍ରତି ଶୁଭେଚ୍ଛା ଜଣାଇ ସେ କହିଲେ ଯେ ଏଠାରେ ସଂଖ୍ୟାନ୍ୟୁନ ଗୋଷ୍ଠୀର ଲୋକେ ସମାନ ଓ ଉଦାର ବ୍ୟବହାର ପାଇପାରିବେ । ଶାସନ ବିଧାୟକ ସଭା ବୈଠକରେ ଅବ୍ୟବହିତ ପୂର୍ବରୁ ସଭାପତି ଶ୍ରୀଯୁକ୍ତ ରାଜେନ୍ଦ୍ର ପ୍ରସାଦଙ୍କ ଆସ୍ଥାନ ନିକଟରେ ଏକହଜାର ମହିଳା ପ୍ରଥମେ ଯଜ୍ଞାନୁଷ୍ଠାନ କଲେ ଏବଂ ତା' ପରେ ନୂଆ ଭାରତ ସରକାରଙ୍କ ପ୍ରତ୍ୟେକ ସଭ୍ୟଙ୍କ କପାଳରେ ତିଳକ ଦେଇଥିଲେ । ହଜାର ହଜାର ଲୋକ ଆସି ରାତି ଅଧରେ ମଧ୍ୟ ଶାସନ ବିଧାୟକ ସଭା ଘରର ବାହାରେ ଜମା ହୋଇଥାନ୍ତି । ଚାରିଆଡ଼େ ମାତା କି ଜୟ ହୋ, ଜୟ ହିନ୍ଦ୍ ଆକାଶ ଭେଦି ଏହିସବୁ ଡାକ ନାନାଦିତ ହୋଇଥିଲା । ସମସ୍ତଙ୍କ ଆଖିରେ ସ୍ୱାଧୀନ ଭାରତକୁ ନେଇ ନିଜସ୍ୱ ଏକ ଧାରଣା ଏବଂ ସ୍ୱପ୍ନ ପ୍ରତିଫଳିତ ହେଉଥିଲା । କାରଣ ଏମାନଙ୍କ ମଧ୍ୟରୁ କେହି ବି ଏକ ସ୍ୱାଧୀନ ଦେଶରେ ରହିନଥିଲେ । ଲୋକେ ଦେଖିବାକୁ ଚାହୁଁଥିଲେ ସ୍ୱାଧୀନ ଦେଶ କେମିତି ହୋଇଥାଏ ? ସକାଳ ବର୍ଷା ହେଉଥିଲେ ବି ଅଧରାତି ବେଳକୁ ହଠାତ୍ ବିଜୁଳି ଘଡ଼ ଘଡ଼ି ସହ ଜୋର ବର୍ଷା ଆରମ୍ଭ ହୋଇଗଲା । ସଂସଦ ଭବନ ଚାରିପାଖରେ ହଜାର ହଜାର ସଂଖ୍ୟାରେ ଭାରତୀୟ ଘେରି ରହିଥିଲେ । ସେମାନେ କିନ୍ତୁ ଭିଜିବାକୁ ଲାଗିଲେ ଚୁପ୍‌ଚାପ୍ । ପାଖେଇ ଆସୁଥିବା ଅଧରାତିର ସେହି ବହୁ ପ୍ରତୀକ୍ଷିତ ମୁହୂ ୍ତକୁ ବେଶ୍ ରୋମା ଏବଂ ତନ୍ମୟତାର ସହ ସେମାନେ ଅପେକ୍ଷା କରିଥିଲେ । ନା ବର୍ଷା ନା ବିଜୁଳି କି ଘଡ଼ଘଡ଼ି ସେମାନଙ୍କୁ ଚମକାଇ ପାରିନଥିଲା । ସ୍ୱାଧୀନତାର ଶଙ୍ଖନାଦ ଘୋଷଣା କରିଥିଲା ଏକ ବିରାଟ ସାମ୍ରାଜ୍ୟର ଅନ୍ତ ଏବଂ ଭାରତ ଭୂମିରେ ଏକ ନୂତନ ଯୁଗର ସୂତ୍ରପାତ । ଲେଖକ ଆର.ଏଲ ହାଣ୍ଡାଙ୍କ ଅନୁସାରେ ରାତି ତିନିଟା ବେଳକୁ ଶପଥ ଗ୍ରହଣ ଆଦି ସମାରୋହ ଶେଷ ହୋଇଗଲା । କେତେଲୋକ ଘରକୁ ଫେରିଯିବା ପରେ ମଧ୍ୟ ଆହୁରି ଅନେକ ଲୋକ ସବୁଜ ଲନ୍ ଏବଂ ଫୁଟପାଥ ଉପରେ ଶୋଇ ରହିଥିଲେ । ପରଦିନ ଅର୍ଥାତ୍ ଅଗଷ୍ଟ ୧୫ ତାରିଖରେ ସକାଳ ଆଠଟା ବେଳକୁ ପଣ୍ଡିତ ନେହେରୁ ଲାଲକିଲ୍ଲା ୟୁନିଅନ ଜ୍ୟାକ୍ ବଦଳରେ ଭାରତର ତ୍ରିରଙ୍ଗା ପତାକା ଉ ୋଳନ କରିବାର ଥିଲା । ସକାଳ ଆଠଟା ବେଳକୁ ଗଭର୍ଣ୍ଣର ଜେନେରାଲ ତଥା ଅନ୍ୟ ନେତାମାନଙ୍କର ସପଥ ଗ୍ରହଣ ଉତ୍ସବ ଥିଲା । ଭାଇସ୍‌ରାୟଙ୍କୁ ଦିଆଯାଉଥିଲା ୩୧ ତୋପ ସଲାମୀ ବଦଳରେ ଗଭର୍ଣ୍ଣର ଜେନାରାଲଙ୍କ ପାଇଁ ୨୧ ତୋପ ସଲାମୀ ବ୍ୟବସ୍ଥା କରାଗଲା । ସେଦିନ ସପଥ ଗ୍ରହଣ ଉତ୍ସବ ଶେଷହେବା ପରେ ୨୧ ତୋପ ସଲାମୀ ସହ ସମଗ୍ର ଦିଲ୍ଲୀରେ ସ୍ୱାଧୀନତାର ପ୍ରଥମ ସକାଳର ଉଦ୍‌ଘୋଷଣା ହୋଇଥିଲା । ସଂସଦ ଭବନ ଏବଂ ଇଣ୍ଡିଆ ଗେଟ୍ ନିକଟରେ ପ୍ରାୟ ୫ଲକ୍ଷ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଦିନ ବିତିବା ସହ ଦିଲ୍ଲୀର ସବୁ ଦିଗରୁ ଲୋକେ ଇଣ୍ଡିଆ ଗେଟ୍ ନିକଟରେ ପହ ୍ବାକୁ ଲାଗିଲେ । ସେଠାରେ ଅପରାହ୍ନ ୫ଟା ବେଳକୁ ଇଣ୍ଡିଆ ଗେଟ ନିକଟସ୍ଥ ପ୍ରିନ୍‌ସେସ୍ ପାର୍କରେ ମାଉ ବ୍ୟାଟେନ୍ ତ୍ରିରଙ୍ଗା ଉ ୋଳନ କରିଥାନ୍ତେ । ତେବେ ଏତେ ଭିଡ଼ ଥିଲା ଯେ ମାଉ ବ୍ୟାଟେନଙ୍କ ଗାଡ଼ି ଭିଡ଼ରୁ ବାହାରିପାରିଲା ନାହିଁ । ତେଣୁ ପଣ୍ଡିତ ନେହେରୁ ତ୍ରିରଙ୍ଗା ଉ ୋଳନ କଲେ ଏବଂ ମାଉ ବ୍ୟାଟେନ୍ ନିଜ ଗାଡ଼ି ଉପରେ ଛିଡ଼ା ହୋଇ ସଲାମୀ ଦେଇଥିଲେ । ଭିଡ଼ ଯୋଗୁଁ ଆଉ କିଛି ନିର୍ଦ୍ଧାରିତ କାର୍ଯ୍ୟକ୍ରମ ହୋଇପାରିନଥିଲା । ପରଦିନ ଅଗଷ୍ଟ ୧୬ ତାରିଖରେ ଲାଲକିଲ୍ଲାରେ ତ୍ରିରଙ୍ଗା ଉ ୋଳନ କରିଥିଲେ ପଣ୍ଡିତ ନେହେରୁ । ଭାରତ ଉପନିବେଶର ପ୍ରଧାନମନ୍ତ୍ରୀ ଆଜି ସକାଳ ସାଢେ ଆଠଟାରେ ଦିଲ୍ଲୀର ଲାଲକିଲ୍ଲା ଉପରେ ଭାରତର ଜାତୀୟ ପତାକା ଉଡ଼ାଇଥିଲେ । ଏହି ପତାକା ଉ ୋଳନ ବେଳେ ତିନିଲକ୍ଷ ଲୋକ ସମବେତ ହୋଇଥିଲେ । ପଣ୍ଡିତ ନେହେରୁ ସମବେତ ଜନତାଙ୍କୁ ସମ୍ବୋଧନ କରି କହିଲେ - "ଆପଣମାନେ ଆଜି ଶତଶତ ହୋଇ ଆପଣମାନଙ୍କର ଏହି ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରିବା ନିମନ୍ତେ ଏଠାରେ ସମବେତ ହୋଇଅଛନ୍ତି । ଏହି ପତାକା ଭାରତ ମୁକ୍ତିର ପ୍ରତୀକ । ପୃଥିବୀର ଅସଂଖ୍ୟ ନରନାରୀଙ୍କ ଦୃଷ୍ଟି ଆଜି ଏହି ପତାକା ଆଡ଼େ । କାଲିଠାରୁ ଭାରତ ଇତିହାସରେ ଏକ ନବଯୁଗର ଆରମ୍ଭ ହୋଇଛି ।

ଜୟ ହିନ୍ଦ, ଜୟ ଭାରତ, ଭାରତ ମାତା କି ଜୟ ।

*ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ସ୍ତମ୍ଭକାର, ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର- ୨ ଜିଲ୍ଲା - ଖୋର୍ଦ୍ଧା, ମୋ - ୭୮୪୮୮୯୮୪୫୬*

# ପଥଚ୍ୟୁତ ଯୁବପିଢ଼ି ଓ ଆଧୁନିକ ସମାଜ


ଡକ୍ଟର ତପନ କୁମାର ପାଳ

ଅତ୍ୟାଧୁନିକ ପରିବାର ସମୂହ ନିଜ ନିଜର ପିଲାମାନଙ୍କୁ ନେଇ ସଂପ୍ରତି ଅଧିକ ବ୍ୟସ୍ତ ବିବ୍ରତ । ଏବେ ଦେଖାଯାଉଛି ସନ୍ତାନ ସନ୍ତତି ଏବଂ ପିତାମାତାଙ୍କ ଭିତରେ ଉପଯୁକ୍ତ ବୁଝାମଣା ନାହିଁ । ଅର୍ଥ ହିଁ ଅନର୍ଥର ମୂଳ କାରଣ ହୋଇପଡ଼ିଛି । ଅପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ କରିବାର ମରୀଚିକା ପଛରେ ଅଣନିଶ୍ୱାସୀ ହୋଇ ଧାଇଁ ଚାଲିଛି ଆଜିର କିଛି ମଣିଷ । କଳାଧଳା ଅତି ସହଜରେ ହାତେଇବାରେ ଧୁରନ୍ଧର ଆଜିର ମଣିଷର ଏକ ପ୍ରକାର ନିଶା ହୋଇଯାଇଛି । ଏଣୁ ଏସବୁ ଅସତ୍ ଉପାୟ ସାମାଜିକ ବିଶୃଙ୍ଖଳା ପାଇଁ ଏକମାତ୍ର ଦାୟୀ । ବାସ୍ତୁବାଦ, ଫମ୍ପା ଆଭିଜାତ୍ୟ, ଅନ୍ଧ ବାତ୍ସଲ୍ୟମୋହ ପୁରାତନ ନିଷ୍କଳଙ୍କ ସାମାଜିକ ଢ଼ାଞ୍ଚାକୁ ଦୋହଲାଇ ଦେଉଛି । ପିତାମାତାଙ୍କର କୃତ୍ରିମ ମାନସିକତା ସରଳ ପିଲା ମନରେ ବିଷ ମଞ୍ଜି ବୁଣି ଦେଉଛି । ସ୍ୱେଚ୍ଛାଚାର ପିଲାମାନଙ୍କୁ ଭଲ ବାଟରେ ନେଇ ନାହିଁ ବରଂ ସେମାନଙ୍କର ସମାଜ ଆସ୍ତେ ଆସ୍ତେ ରୂପ ଦେଉଛି ଉଗ୍ର ଆତଙ୍କବାଦର ପ୍ରଶିକ୍ଷଣ କେନ୍ଦ୍ର । ସେ ଜାଣିଛନ୍ତି ମୃତ୍ୟୁରୂପୀ ଆଗ୍ନେୟ ଶିଳାର ଶୀର୍ଷ ଦେଶରେ ସେମାନେ ଅଛନ୍ତି, ବିସ୍ଫୋରଣ ସୁନିଶ୍ଚିତ, ତଥାପି ସେମାନେ ରଚି ଚାଲିଛନ୍ତି ଗୋଟିକ ପରେ ଗୋଟିଏ ନାରକୀୟ ଲୀଳା । ସତରେ ଏ ସମାଜ କଣ ପଙ୍ଗୁ ହୋଇଯିବ ଅଥର୍ବ ହୋଇଯିବ ଏଥିରୁ ଉଦ୍ଧାର ପାଇଁ ଦାୟିତ୍ୱ କେଉଁ ଭଗୀରଥଙ୍କର ଆପଣମାନଙ୍କର ନା ସେମାନଙ୍କର ତେବେ କେହି କେହି ପୁତ୍ରକୁ ବନ୍ଧୁତୁଲ୍ୟ ଆଦରି ନେଇଥାନ୍ତି ପିଲା ବେଳରୁ । ଆକଟ କରନ୍ତି ନାହିଁ, ଯାହା କରିବ ସାତଖୁଣ ମାଫ । ଏପରିକି ଧୂମପାନ, ମଦ, ଡ୍ରଗସ୍ ସେବନ କରିବାରେ ଏମାନେ ଅତି ପ୍ରବୀଣ ହୋଇଯାନ୍ତି । ଆସ୍ତେ ଆସ୍ତେ ଏମାନଙ୍କ ରୂପ ବଦଳେ । ସମାଜରେ ଯାବତୀୟ ଅମାନୁଷିକ ତଥା ଅନୈତିକ କାର୍ଯ୍ୟ କରିବାରେ ସେମାନେ ଆଗଭର ହୁଅନ୍ତି । ସେମାନେ ଆଦୌ ଭାବନ୍ତି ନାହିଁ ଯେ, ସେମାନେ ଯାହା କରିଛନ୍ତି ତାହା କେତେଦୂର ସମାଜର ଉନ୍ନତି ବିଧାନରେ ଲାଗିପାରୁଛି । ଅସୁରୀୟ ପ୍ରକୃତି, ନୀଚ କଳୁଷିତ ଭାବନା, ତଥା ମଣିଷ ପ୍ରତି ଅନାଦର ଏମାନଙ୍କୁ ପୁରାମାତ୍ରାରେ ଗ୍ରାସି ଯାଇଛି । ଯେଉଁ ବାପ ମା' ଏମାନଙ୍କର ଦିନେ ପ୍ରିୟ ଥିଲେ, ବନ୍ଧୁଥିଲେ ସେ ଯେମିତି ଶତ୍ରୁ ପାଲଟି ଯାଇଛନ୍ତି । ଯୌବନର ସଦ୍ ବିନିଯୋଗ ନକରି ସେମାନେ ହୋଇଯାନ୍ତି ଅପାଂକ୍ତେୟ, ଅଲୋଡ଼ା, ବସ୍ତୁହରାଜୀବ । ସେମାନେ ସୃଷ୍ଟି କରନ୍ତି ବିଷର ବଳୟ । ଯୌନ ବିକାର ହୋଇ ସେମାନେ ଆପଣେଇ ନିଅନ୍ତି ଅମଡ଼ା ବାଟ । ପ୍ରେମ-ପାଗଳ ହୋଇ ସେମାନେ ମାୟା ମରୀଚିକା ପଥରେ ଧାବମାନ କରନ୍ତି । ଶେଷରେ ଅପମୃତ୍ୟୁର ଶିକାର ହୋଇ ବାପାମା'ଙ୍କୁ ହନ୍ତସନ୍ତ କରିମାରନ୍ତି । କଙ୍କଡାକୁ ଗୋଳିପାଣି ସୁହାଇଲା ଭଳି ରାଜନୀତିଆଙ୍କ ପାଲରେ ପଡ଼ିଗଲା ପରେ ସେମାନଙ୍କର ବଳ ବିକ୍ରମ ଦ୍ୱିଗୁଣ ହୋଇଯାଏ, ସେମାନେ ଇନ୍ଦ୍ରଚନ୍ଦ୍ର ମାନନ୍ତି ନାହିଁ, ବରଂ ସେମାନେ ଅନ୍ୟ ମାନଙ୍କୁ ହେୟଜ୍ଞାନ କରନ୍ତି । ଧରାକୁ ସରା ମଣନ୍ତି । ଏଣୁ ଏ କ୍ଷେତ୍ରରେ 'ଉପଦେଶାହି ମୂର୍ଖାଣାଂ ପ୍ରକୋପାୟ ନଶାନ୍ତୟେ' - କେତେବା ଏମାନଙ୍କୁ ଉପଦେଶ ଦେବ, ଆଦର୍ଶ ପଥରେ ଯିବା ପାଇଁ ମାର୍ଗ ପ୍ରଦର୍ଶନ କରିବ ।

ଏବେ ଯୁଗ ବଦଳିଛି । ଯୁଗ ସହ ତାଳ ଦେଇ ନୂତନ ନୂତନ ଚିନ୍ତାଧାରାର ନୂଆ ଦିଗ ଖୋଲିଯାଉଛି । କେତେ ପ୍ରକାର ଜଟିଳ ସମସ୍ୟା ବି ମୁଣ୍ଡ ଟେକି ଉଠୁଛି, ତାର ସମାଧାନର ବାଟ ଖୋଜିବା କ'ଣ ଆମ ସମସ୍ତଙ୍କର କର୍ତ୍ତବ୍ୟ ନୁହେଁ ? ନିଜର ନ୍ୟସ୍ତ ସ୍ୱାର୍ଥ ପାଇଁ ପଡ଼ୋଶୀଟିର ନୁହେଁ ଏପରିକି ଭାଇ-ଭାଇ, ବନ୍ଧୁ-ବନ୍ଧୁ ଭିତରେ ଯେଉଁପରି ଈର୍ଷା ଯେଉଁ ସ୍ତରର ରୂପ ନେଉଛି ତାହା ସମସ୍ତଙ୍କୁ ଜଣା । ଶହ ଶହ ମଣିଷଙ୍କୁ ଦାନାକନା ଯୋଗାଉଥିବା ଜଣେ ସ୍ୱଚ୍ଛଳ ଯୁବ ବ୍ୟକ୍ତିତ୍ୱଟିକୁ ଦିନେ ବନ୍ଧୁ ଥିବା ସହପାଠୀ ହୁଅନ୍ତୁ ବା ପଡ଼ୋଶୀଟି ସହ୍ୟ ନକରି ନାନା ଅପପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି । ଅଧ୍ୟବସାୟ, ସାଧୁତା ଓ ଆଧାତ୍ମିକ ଶକ୍ତି ପାଇଁ ତାହା ଫଳବତୀ ହୋଇପାରିନଥାଏ କିନ୍ତୁ ଜଣେ ମାନସିକ ଭାବେ ଯେଉଁ ଯନ୍ତ୍ରଣା ପାଏ ତାହା ଏକ ଚିନ୍ତାଜନକ ପ୍ରସଙ୍ଗ । ନିକଟରେ ଜଣେ ବନ୍ଧୁଙ୍କ ଠାରୁ ଶୁଣିଥିଲି ସେ ନିଜ ବୃତ୍ତିଗତ କ୍ଷେତ୍ରରେ ପ୍ରଗତିର ସଫଳତାକୁ ଛୁଇଁଥିବାରୁ ତା'ର ନିରୀହ ମେଧାବୀ ପୁଅର ନାନା ପ୍ରକାର କ୍ଷତି ଓ ପ୍ରତିବନ୍ଧକ ପାଇଁ ଅଭିମନ୍ୟୁ ବଧ ପରି ଷଡ଼ଯନ୍ତ୍ର ହୋଇଥିଲା । ଏହା କେଉଁ ପ୍ରକାର ମାନସିକତା ? ଉତ୍ତମ ଆଚରଣ ପାଇଁ ନୈତିକ ଶିକ୍ଷାର ଆବଶ୍ୟକତା ରହିଛି । ଖାଲି କଥାରେ କହି ଦେଲେ ଆଉ ଚଳିବନି, କଥାକୁ କାମରେ ଲଗାଇବାକୁ ହେବ । ପିଲାଟିକୁ ଚୋରି କରିବା ମହାପାକ, ସବୁବେଳେ ସତ କହିବୁ । ପର ଦ୍ରବ୍ୟ ଉପରେ ନଜର ପକାଇବୁ ନାହିଁ, ବାଁକୁ ମାଡ଼ିଚାଲିବୁ । ଗୁରୁଜନମାନଙ୍କୁ ଭକ୍ତି କରିବୁ । ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ଥଟ୍ଟା ପରିହାସ କରିବୁ ନାହିଁ । ଭିକାରୀମାନଙ୍କୁ କୁବ୍ୟବହାର କରିବୁ ନାହିଁ ଇତ୍ୟାଦି ଇତ୍ୟାଦି । ଏକଥାକୁ ଯିଏ ହେଜିଲା, ସେ ଭଲ ପିଲା, ଯିଏ ନହେଜିଲା ସେ ବା କାହୁଁ ଭଲ ମଣିଷର ଗଣା ହବ ? ଯଦି ତାର ମନକୁ ପାଇଚିତ ଶିକ୍ଷକଙ୍କ କଥାକୁ ବାରମ୍ବାର ମନେ ରଖିବ ଅବା ଗୁରୁଜନଙ୍କ ଉପଦେଶକୁ ସେ ଜପାମାଳି କରିବ । ଯଦି ଭଲ ପିଲା ନହେବେ ଏ ସମାଜ କେଉଁମାନଙ୍କୁ ନେଇ ଅଗ୍ରସର ହେବ । ଏଥିପାଇଁ ଉତ୍ତମ କର୍ତ୍ତବ୍ୟ ନିଷ୍ଠା ମଙ୍ଗୁଆଳଟିଏ ଲୋଡ଼ା । ପିତାମାତା, ଗୁରୁଜନ ଶିକ୍ଷକ ସମସ୍ତେ ଏହାକୁ ଏକ ଜାତୀୟ କର୍ତ୍ତବ୍ୟ ଓ ସାମାଜିକ ଦାୟିତ୍ୱ ଭାବେ ବହନ କରିବା ଉଚିତ୍ । ଏକ ଶାନ୍ତ ସୁନ୍ଦର ସମାଜ ଆମ ପାଇଁ ଲୋଡ଼ା । ଭବିଷ୍ୟତରେ ବଂଶଧର ଯଦି ଉଗ୍ର ଆତଙ୍କବାଦର ମୁଖା ପିନ୍ଧି ସମାଜକୁ ଧ୍ୱଂସ ଆଡ଼କୁ ଟାଣିନେବ ତେବେ ସାମାଜିକ ସ୍ଥିତି ଦୋହଲିଯିବ - ଉତ୍‌ଶୃଙ୍ଖଳ ସମାଜରେ ଅନବରତ ଚାଲିବ ନାରକୀୟ ଲୀଳା । ଅଖଣ୍ଡ ଭାରତର ସ୍ୱପ୍ନ ଦେଖୁଥିବା ଭାରତୀୟମାନେ ନିଜ ଉପରେ ଥିବା ଆସ୍ଥା ଆସ୍ତେ ଆସ୍ତେ ହରାଇ ବସିବେ । ଆମେ ପୁନରାୟ କଣ ଆଶା କରିବା ପରାଧୀନତାର ନିଗଡ଼ ଭିତରେ ଆତ୍ମଗୋପନ କରିବାକୁ ? ଆମର ଆଶା, ଆକାଂକ୍ଷା, ସ୍ୱପ୍ନ ଆମର ଆଗାମୀ ପିଢ଼ିଙ୍କ ଉପରେ । ସେମାନଙ୍କୁ ଶୃଙ୍ଖଳିତ ଓ ସୁସ୍ଥ ବାତାବରଣ ଭିତରେ ବଢ଼ାଇବା ଉତ୍ତର ଦାୟିତ୍ୱ ଆମେ ସମସ୍ତଙ୍କର ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ, ଦୂରଭାଷ : ୯୯୩୭୬୫୮୩୬୨*

# ଭାରତ ଛାଡ଼ ଆନ୍ଦୋଳନ ଓ ସିପାହୀ ବିଦ୍ରୋହ


ପୁଷ୍ପମିତ୍ର ମହାପାତ୍ର

ଲବଣ ସତ୍ୟାଗ୍ରହ ପରି ଭାରତୀୟ ସ୍ୱାଧୀନତା ସଂଗ୍ରାମ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇଥିଲା ୧୯୪୨ ଅଗଷ୍ଟ ୮ ତାରିଖ ଦିନ । ଏହି ଦିନ ଗାନ୍ଧିଜୀଙ୍କ ଆହ୍ୱାନରେ ସମଗ୍ର ଦେଶବାସୀ ଝାସ ଦେଇଥିଲେ 'ଭାରତ ଛାଡ଼' ଆନ୍ଦୋଳନରେ । ବମ୍ବେ ନଗରୀର ଗୋଆଲିଆ ଟ୍ୟାଙ୍କ ମଇଦାନ, ଯାହାକି ଆଜି ଐତିହାସିକ ଅଗଷ୍ଟ କ୍ରାନ୍ତି ମଇଦାନ ରୂପେ ପରିଚିତ ସେଠାରେ ଅଲ ଇଣ୍ଡିଆ କଂଗ୍ରେସ କମିଟିର ମହାସମ୍ମିଳନୀ ଆୟୋଜିତ ହୋଇଥିଲା । ସମଗ୍ର ଭାରତର ବିଭିନ୍ନ ପ୍ରାନ୍ତରୁ ବିପ୍ଳବୀ ସଂଗ୍ରାମୀ ଜନନେତା ଏହି ଐତିହାସିକ ସମ୍ମିଳନୀରେ ଯୋଗ ଦେଇ ବ୍ରିଟିଶ ଶାସନ ବିରୋଧରେ ଉତ୍ତୁଙ୍ଗ ସ୍ୱର ଉତ୍ତୋଳନ କରିଥିଲେ । ଗାନ୍ଧିଜୀଙ୍କ 'ଭାରତ ଛାଡ଼' ଏବଂ 'କର ବା ମର' ମନ୍ତ୍ରରେ ଦୀକ୍ଷିତ ହୋଇଯାଇଥିଲେ ଜନତା । ଅଭୂତପୂର୍ବ ଜନଜାଗରଣ ସୃଷ୍ଟି ହୋଇଥିଲା । ସେଇ ଦିନରୁ ହିଁ ଭାରତର ସ୍ୱାଧୀନତା ପାଇଁ ପଥ ପ୍ରସ୍ତୁତ ହୋଇଯାଇଥିଲା । ମହାସମ୍ମିଳନୀର ସମସ୍ତ ବିବରଣୀ ଗୁପ୍ତଚରମାନଙ୍କ ଜରିଆରେ ତତକ୍ଷଣାତ ତତ୍‌କାଳୀନ ଭାରତର ବ୍ରିଟିଶ ବଡ଼ଲାଟ୍‌ଙ୍କ ନିକଟରେ ପହଞ୍ଚିଲା । ପରିଣାମରେ ରାତି ନପାହୁଣୁ ଗାନ୍ଧୀ, ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, କଂଗ୍ରେସର ସଭାପତି ମୌଲାନା ଅବୁଲ କାଲାମ ଆଜାଦ୍‌ଙ୍କୁ ପୁଲିସ ଗିରଫ କରିନେଲା । ଏହା ସହିତ ସଂଗ୍ରାମରେ ନେତୃତ୍ୱ ନେଇଥିବା ପ୍ରାୟ ୧ ଲକ୍ଷରୁ ଅଧିକ ସଂଗ୍ରାମୀଙ୍କୁ ଭାରତର ବିଭିନ୍ନ ଅଞ୍ଚଳରୁ ଗିରଫ କରାଯାଇଥିଲା । ଭାରତ ଛାଡ଼ ଆନ୍ଦୋଳନ ବ୍ରିଟିଶ ସରକାରଙ୍କ ବିରୋଧରେ ଭାରତବାସୀଙ୍କୁ ଏକାଠି କରିଥିଲା । ଗାନ୍ଧିଜୀ ୨୧ ଦିନ ଅନଶନ କରିଥିଲେ । ଶେଷରେ ୧୯୪୪ରେ ସହବନ୍ଦୀଙ୍କ ସହ ଗାନ୍ଧିଜୀଙ୍କୁ ଖଲାସ କରା ଦିଆଯାଇଥିଲା ।

ପ୍ରାଚ୍ୟରେ ବାଣିଜ୍ୟ-ବ୍ୟବସାୟ କରିବା ପାଇଁ ୧୬୦୦ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଗଠନ କରାଯାଇଥିଲା । ୧୬୮୬ ମସିହା ପର୍ଯ୍ୟନ୍ତ ଏହି କମ୍ପାନୀ ଭାରତରେ ଶାନ୍ତି ସୌହାର୍ଦ୍ଦ୍ୟ ମଧ୍ୟରେ ବାଣିଜ୍ୟ କରୁଥିଲା । ଶାସନ ବ୍ୟାପାରରେ ହସ୍ତକ୍ଷେପ କରୁ ନଥିଲା । ୧୬୮୮ରେ ଔରଙ୍ଗଜେବ୍‌ଙ୍କ ଶାସନ କାଳରେ ପ୍ରଥମ ଥର ପାଇଁ ବ୍ରିଟିଶମାନେ ଏକ ପଣ୍ୟବାହୀ ଜାହାଜ ଉପରେ ଆକ୍ରମଣ କରିଥିଲେ । କମ୍ପାନୀର ଗଭର୍ଣ୍ଣର ସାର୍ ଜୋସିଆ ଚାଇଲ୍‌ଡ଼ଙ୍କ ନିର୍ଦ୍ଦେଶରେ ସେହି ଆକ୍ରମଣ ହୋଇଥିଲା । ପରିଣାମ ସ୍ୱରୂପ ମୋଗଲ ସେନା ଭାରତରେ ଥିବା ବ୍ରିଟିଶ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଲୁଣ୍ଠନ କରିଥିଲେ । ଏକାଧିକ ସ୍ଥାନରେ ବ୍ରିଟିଶମାନେ ପରାଜିତ ହେବା ପରେ ଥଣ୍ଡା ପଡ଼ିଯାଇଥିଲେ ସତ, କିନ୍ତୁ ଭାରତକୁ କବ୍‌ଜା କରିବା ପାଇଁ ଭିତରେ ପ୍ରସ୍ତୁତି ପର୍ବ ଆରମ୍ଭ କରିଦେଇଥିଲେ । କ୍ଷମତା ପାଇଁ ପ୍ରଥମେ ଦାକ୍ଷିଣାତ୍ୟରେ ବ୍ରିଟିଶ ଓ ଫରାସୀଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଏକାଧିକ ଯୁଦ୍ଧ ପରେ ଫରାସୀଙ୍କ ପତନ ଘଟିଥିଲା । ୧୭୫୭ ମସିହା ରବର୍ଟ କ୍ଲାଇବଙ୍କ ନେତୃତ୍ୱରେ ବ୍ରିଟିଶମାନେ ପଲାସୀ ଯୁଦ୍ଧରେ ନବାବ ସିରାଜ୍ ଉଦ୍ଦୌଲାଙ୍କୁ ପରାଜିତ କଲା ପରେ କ୍ରମେ କମ୍ପାନୀର ଶକ୍ତି ବୃଦ୍ଧି ହୋଇଥିଲା । ୧୭୭୨ ବେଳକୁ ସମଗ୍ର ବଙ୍ଗ ପ୍ରଦେଶ କମ୍ପାନୀ ନିୟନ୍ତ୍ରଣକୁ ଆସି ସାରିଥିଲା । ଉଲ୍ଲେଖଯୋଗ୍ୟ ଯେ, ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତକୁ ଧୀରେ ଧୀରେ ଦଖଲ କରୁଥିଲେ ହେଁ ଭାରତୀୟ ଶାସକମାନେ ଏକତ୍ର ହେଉ ନଥିଲେ ବରଂ ନିଜ ନିଜର ସ୍ୱାର୍ଥ ପାଇଁ ବ୍ରିଟିଶ ପକ୍ଷର ସାହାଯ୍ୟ ନେଉଥିଲେ । ତେଣୁ କମ୍ପାନୀ କର୍ତ୍ତୃପକ୍ଷ ଶକ୍ତିଶାଳୀ ହୋଇପାରିଥିଲେ । କମ୍ପାନୀ ଶାସନ ଦ୍ୱାରା ଭାରତର ସାମାଜିକ ଓ ଅର୍ଥନୈତିକ ଜୀବନ ଦୋହଲି ଯାଇଥିଲେ ହେଁ ୧୮୫୭ ଯାଏ ବଡ଼ ଧରଣର ବିଦ୍ରୋହ ସଂଘଟିତ ହୋଇପାରିନଥିଲା । ୧୮୦୬ରେ ଭେଲୋର ବିଦ୍ରୋହ, ୧୮୧୬ର ବରେଲୀ ବିଦ୍ରୋହ, ଓଡ଼ିଶାରେ ୧୮୧୭ର ବକ୍ସି ଜଗବନ୍ଧୁଙ୍କ ବିଦ୍ରୋହ, ୧୮୨୪ର ବାରାକପୁର ବିଦ୍ରୋହ, ୧୮୩୧ର ଛୋଟନାଗପୁର କୋଲ ବିଦ୍ରୋହ ଆଦିର ବିଶେଷ ପ୍ରଭାବ କମ୍ପାନୀ ଉପରେ ପଡ଼ିନଥିଲା । ତେବେ ୧୮୫୭ର 'ସିପାହୀ ବିଦ୍ରୋହ' ପ୍ରଥମ ଥର ପାଇଁ କମ୍ପାନୀର ମଜବୁତ୍ ସ୍ଥିତିକୁ ଦୋହଲାଇ ଦେଇଥିଲା । ତେଣୁ ଏହାକୁ ପରାଧୀନ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଏ । ସିପାହୀ ବିଦ୍ରୋହ ମଧ୍ୟ ସିପାହୀଙ୍କ ମଧ୍ୟରେ ଏକତା ଅଭାବରୁ ବିଫଳ ହୋଇଥିଲା । କେବଳ ବଙ୍ଗ ପ୍ରେସିଡେନ୍‌ସିର ସିପାହୀମାନେ ବିଦ୍ରୋହରେ ଯୋଗ ଦେଇଥିଲେ । ମାନ୍ଦ୍ରାଜ ଓ ବମ୍ବେ ପ୍ରେସିଡ଼େନ୍‌ସିର ସିପାହୀମାନେ ସମର୍ଥନ ଦେଇ ନଥିଲେ । ପଞ୍ଜାବ ଭଳି ଶକ୍ତିଶାଳୀ ରାଜ୍ୟ ବିଦ୍ରୋହ ବିପକ୍ଷରେ ଯାଇଥିଲା । ବିଦ୍ରୋହ କିଛି ମାସ ଧରି କେବଳ ଉତ୍ତର ଭାରତ ମଧ୍ୟରେ ସୀମିତ ରହି, ଶେଷରେ ଦବିଯାଇଥିଲା । ଭାରତୀୟ ଜାତୀୟ ସଂଗ୍ରାମରେ ସ୍ୱାଧୀନତା ପ୍ରାପ୍ତିର ଯଥେଷ୍ଟ ପୂର୍ବରୁ ଭାରତଛାଡ଼ ଆନ୍ଦୋଳନର ପ୍ରଥମ ଶୁଭପାତ ହୋଇଥିବା ଆଜିର ପବିତ୍ର ସ୍ମରଣୀୟ ଦିନଟି ପ୍ରତିଟି ଭାରତୀୟଙ୍କ ପାଇଁ ଅଭୁଲା ।

*ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*




# ଓଡ଼ିଶାରେ ମାତୃଶକ୍ତି ଓ ଦୁର୍ଗାପୂଜା ପରମ୍ପରା

ଭାରତୀୟ ସଂସ୍କୃତିରେ ସର୍ବ ପ୍ରଥମେ ବୈଦିକ ଦୁର୍ଗାସୂତରେ ସୂକ୍ଷ୍ମଦୃଷ୍ଟିରେ ଦୁର୍ଗାଙ୍କର ମହିମା ବର୍ଣ୍ଣିତ । ଏହି ଦୁର୍ଗାସୂତ୍ରର ମନ୍ତ୍ର ପଠନ ଦ୍ୱାରା ସମସ୍ତ ଦୁଃଖ ଦୂରୀଭୂତ ହେବାସହ କୁପ୍ରବୃତ୍ତିର ବିନାଶ ହୋଇଥାଏ । ଉପନିଶଦ ମାନଙ୍କରେ ତୈତ୍ତିରୀୟ ଆରଣ୍ୟକର ଯାନ୍ତ୍ରିକ ଉପନିଶଦରେ ପ୍ରଥମେ ଦୁର୍ଗାଙ୍କ ଗାୟତ୍ରୀ ମନ୍ତ୍ର ବିଷୟରେ ସୂଚନା ଦିଆଯାଇଛି । ମହଞ୍ଜୋଦାର ଓ ହର୍‌ପ୍ପାର ପ୍ରତ୍ନତାତ୍ତ୍ୱିକ ଖନନରୁ ମାତୃଶକ୍ତି ଉପାସନା ସମ୍ବନ୍ଧରେ ଯଥେଷ୍ଟ ପ୍ରମାଣ ମିଳିଛି । ବହୁ ପ୍ରସ୍ତର ନିର୍ମିତ ନାରୀମୂର୍ତ୍ତି, ଦେବୀ ମୂର୍ତ୍ତି ଓ ଚକ୍ରାକାର ପ୍ରସ୍ତର ସମୂହରୁ ସେ ସମୟରେ ମାତୃଶକ୍ତି ଉପାସନା ସମ୍ପର୍କରେ ବହୁ ତଥ୍ୟର ଆଭାସ ମିଳେ । ସେହି ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ପ୍ରାଚୀନ ଓଡ଼ିଶାର ମୁଖ୍ୟତଃ କଳିଙ୍ଗ, ଉତ୍କଳ ଓ ଉଡ୍ରଦେଶ ପରି ଏହିପରି ତିନିଗୋଟି ଭୂଖଣ୍ଡରେ ବିଭକ୍ତ ଥିଲା । ସାଧାରଣତଃ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଫୁଲବାଣୀ ଓ ସିଂହଭୂମକୁ ଉଡ୍ରଦେଶ ଭାବେ ବୁଝାଯାଉଥିଲା । ଗଞ୍ଜାମ, କୋରାପୁଟ ଓ ତତ୍କାଳୀନ ସୀମାନ୍ତବର୍ତ୍ତୀ ବିଜୟନଗରମ୍ ଇତ୍ୟାଦି ଅଞ୍ଚଳକୁ କଳିଙ୍ଗ କୁହାଯାଉଥିବାବେଳେ ଅବଶିଷ୍ଟ ଅଞ୍ଚଳକୁ ଉତ୍କଳ କୁହାଯାଉଥିଲା । ଶକ୍ତି ସଙ୍ଗମ ତନ୍ତ୍ରରେ କଳିଙ୍ଗ ଓ ଉତ୍କଳର ନାମଲିପିବଦ୍ଧ ।

ଖ୍ରୀଷ୍ଟ ପୂର୍ବ ତୃତୀୟ ଶତାବ୍ଦୀରୁ ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ଓଡ଼ିଶାରେ ପ୍ରାଚୀନ ଶବରିତନ୍ତ୍ର ଅନୁଯାୟୀ ମାତୃଶକ୍ତି ଉପାସନା ଆରମ୍ଭ ହୋଇଥିଲା । କିମ୍ବଦନ୍ତୀରୁ ଜଣାଯାଏ ଯେ ଏହି ଉଡ୍ରଦେଶରେ ଏହି ପ୍ରାଚୀନ ଶବରୀତନ୍ତ୍ର ମତରେ ଶବର ରାଜା ବିଶ୍ୱାବସୁ ନୀଳମାଧବଙ୍କୁ ପୂଜା କରୁଥିଲେ ଓ ଶବରୀ କନ୍ୟା ଲଳିତା ଥିଲେ ତାଙ୍କ ସହାୟିକା । ଶବରୀତନ୍ତ୍ରରେ ଯେଉଁ ପତ୍ରମାଳିନୀ ବନଦେବୀଙ୍କୁ ପ୍ରାଚୀନ ଉତ୍କଳରେ ଉପାସନା କରାଯାଉଥିଲା ପରବର୍ତ୍ତୀ ପୁରାଣ ଓ ତନ୍ତ୍ର ଯୁଗରେ ସେହି ଦେବୀଙ୍କୁ ବନଦୁର୍ଗାରୂପେ ଉପାସନା କରାଯାଇଥିଲା । ଯାହାପାଇଁ ପ୍ରାଚୀନ ପତ୍ରମାଳିନୀ ଦେବୀଙ୍କ ପରିବର୍ତ୍ତେ ଦ୍ୱିଭୂଜା, ଚର୍ତୁଭୂଜା ଓ ଅଷ୍ଟଭୂଜା ପ୍ରଭୃତି ଦେବୀ ମୂର୍ତ୍ତିଙ୍କର ରୂପ ଓ ଆୟୁଧ କଳ୍ପନା କରାଯାଇଥିଲା । ଏଣୁ ଶବରୀତନ୍ତ୍ରର ବନଦେବୀ ହିଁ ଓଡ଼ିଶାର ପ୍ରାଚୀନ ବନଦୁର୍ଗା ରୂପେ ପ୍ରଥମେ ଆର୍ବିଭୂତା ହୋଇଥିଲେ । ଓଡ଼ିଶାର ପୁରପଲ୍ଲୀରେ ବନଦୁର୍ଗାଙ୍କୁ ପ୍ରସ୍ତର ବା କାଷ୍ଠସ୍ତମ୍ଭରେ ଉପଲବ୍ଧି କରାଯାଇ ସ୍ତମ୍ଭେଶ୍ୱରୀ ରୂପେ ଗ୍ରାମଦେବୀ ଉପାସନା ବହୁଳ ଭାବରେ ପ୍ରଚଳିତ ହୋଇଥିଲା । ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟର ଆରମ୍ଭରେ ଯେଉଁ ଦିଅଁ ମଙ୍ଗୁଳା କରାଯାଏ ତାହା ହିଁ ସର୍ବପ୍ରାଚୀନ ଦୁର୍ଗାପୂଜା ବା ଦେବୀପୂଜା ରୂପେ ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଗୃହୀତ ହୋଇଛି । ଗ୍ରାମଦେବୀ ହିଁ ବନଦୁର୍ଗାଙ୍କ ସ୍ୱରୂପରେ ଉପାସିତା । ବୌଦ୍ଧ ସିଧାଚାର୍ଯ୍ୟମାନଙ୍କ ସାହିତ୍ୟରେ ଶବରସିଦ୍ଧାଚାର୍ଯ୍ୟ, ସରହପା ଓ ସରରୀପା ପ୍ରଭୃତି ନାମର ଉଲ୍ଲେଖ ରହିଛି । ସେ ସମୟରେ ବ୍ରାହ୍ମଣ୍ୟତନ୍ତ୍ର ମୁଖ୍ୟତଃ ମାତୃରୂପୀ ଗାୟତ୍ରୀ ଶକ୍ତିଙ୍କର ଆବାହନା କରି ବୈଦିକ ମାର୍ଗରେ ବ୍ରହ୍ମଶକ୍ତିଙ୍କର ଉପାସନା ପାଇଁ ଉଦ୍ଦିଷ୍ଟ ଥିଲା । ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ସପ୍ତଶତୀ ଶ୍ରୀଚଣ୍ଡୀ ମହାତ୍ମ୍ୟର ପୃଷ୍ଠଭୂମିରେ ବ୍ରାହ୍ମଣତନ୍ତ୍ରର ସର୍ବପ୍ରାଚୀନ ମହୀଷାମର୍ଦ୍ଦିନୀ ଦୁର୍ଗା ରୂପେ ଯାଜପୁର ଠାରେ ବିରଜାଙ୍କର ଆର୍ବିଭାବ ହୋଇଥିଲା । ଓଡ଼ିଶାରେ ସର୍ବପ୍ରଥମ ଦ୍ୱିଭୂଜା ମହିଷାମର୍ଦ୍ଦିନୀ ଦୁର୍ଗାରୂପେ ବିରଜାଙ୍କୁ ଗ୍ରହଣ କରାଯାଏ ।

ଓଡ଼ିଶାରେ ବ୍ରାହ୍ମଣ୍ୟତନ୍ତ୍ରର ପ୍ରଭାବ ଫଳରେ ଗୁପ୍ତଯୁଗର ଦଶମହାବିଦ୍ୟା ତତ୍ତ୍ୱର ଅନୁକରଣରେ ଦୁର୍ଗାଙ୍କର ଦଶବିଧ ମୌଳିକ ରୂପକୁ ନେଇ ଶାକ୍ତମାନେ କୌଳାଚାର ମତ ପ୍ରବର୍ତ୍ତନ କରିଥିଲେ । ପ୍ରତ୍ୟେକ ମହାବିଦ୍ୟା କେତେକ ନିର୍ଦ୍ଦିଷ୍ଟ ପଦ୍ଧତି, ପୁବନ, ବର୍ଣ୍ଣ, ପଦ, ଶବ୍ଦ, ମନ୍ତ୍ର, ଯନ୍ତ୍ର, ପଟଳ, କବଚ, କୀଳକ, ସ୍ତୋତ୍ର ଓ ହୃଦୟ ମାଧ୍ୟମରେ ଦେବୀଙ୍କୁ ଉପାସନା କରିବା ପାଇଁ ପ୍ରବର୍ତ୍ତିତ ହୋଇଥିଲା । ଏହା କୁଳ କୁଣ୍ଡଳିନୀ ଶକ୍ତି ଜାଗରଣ ପାଇଁ ଏକ ବଳିଷ୍ଠ ମାଧ୍ୟମ ଥିଲା । ନାଦ, ବିନ୍ଦୁ ରୂପେ ଶିବ ଓ ଶକ୍ତିଙ୍କୁ ସାଧନାରେ ଉପଲବ୍ଧି କରି ସିଦ୍ଧି ଲାଭ କରାଯାଇଥାଏ । ସ୍ୱର ଓ ବ୍ୟଞ୍ଜନ ଅକ୍ଷରକୁ ମାତୃକା ରୂପେ ଗ୍ରହଣ କରି ବିଭିନ୍ନ ଚକ୍ରରେ ସେହି ଶକ୍ତିଙ୍କୁ ଜାଗ୍ରତ କରିବା ଦ୍ୱାରା କୁଣ୍ଡଳିନୀ ଶକ୍ତି ପ୍ରକାଶିତ ହୋଇଥାନ୍ତି । ଏହି କୌଳାଚାରପୂଜା ଦ୍ୱାରା ସମଗ୍ର ବିଶ୍ୱକୁ ଶ୍ରୀ ଚକ୍ର ମଧ୍ୟରେ ଅନୁଭବ କରାଯାଏ । ସପ୍ତମ ଶତାବ୍ଦୀ ବେଳକୁ ପ୍ରାଚୀନ ଓଡ଼ିଶାରେ ମାତୃଶକ୍ତି ପରମ୍ପରାର ବ୍ୟାପକତା ବୃଦ୍ଧି ପାଇଥିଲା । ପୌରାଣିକ ଦୁର୍ଗାଙ୍କୁ 'ଶ୍ରୀ ଶ୍ରୀ ଚଣ୍ଡୀ' ପୁରାଣରେ ଯେଉଁ ସବୁ ରୂପ, ମୂର୍ତ୍ତିକଳ୍ପନା ଓ ଆୟୁଧ ସହିତ ବର୍ଣ୍ଣନା କରାଯାଇଥିଲା, ଭୌମକର ରାଜବଂଶର କୀର୍ତ୍ତିଗୁଡ଼ିକରେ ତାହାକୁ ସର୍ବ ପ୍ରଥମେ ବିଭିନ୍ନ ମନ୍ଦିର ମଧ୍ୟରେ ଓ ମନ୍ଦିର ବାହାରେ ଜୀବନ୍ତ ଭାବରେ ରୂପାୟିତ କରାଯାଇଥିଲା । ବାସ୍ତବରେ ତୈତିରୀୟ ଉପନିଷଦରେ ବର୍ଣ୍ଣିତ 'ଦୁର୍ଗୀ' କିମ୍ବା 'ଶ୍ରୀ ଶ୍ରୀ ଚଣ୍ଡୀ'ରେ ବର୍ଣ୍ଣିତ ଚାମୁଣ୍ଡା, ସପ୍ତମାତୃକା, ନବଦୁର୍ଗା କିମ୍ବା ଶବରୀତନ୍ତ୍ରର 'ବନଦୁର୍ଗା'ଙ୍କୁ ଏହି ସପ୍ତମ/ଅଷ୍ଟମ ଶତାବ୍ଦୀରେ ଓଡ଼ିଶାରେ ବିଭିନ୍ନ ଶକ୍ତିପୀଠ, ସହର, ଗ୍ରାମ ପ୍ରଭୃତିରେ ବହୁଳ ଭାବରେ ପ୍ରତିଷ୍ଠା କରାଯାଇଥିଲା । ଅବଶ୍ୟ ସେତେବେଳକୁ ଯାଜପୁରର ବିରଜା ଓ ପୁରୀର ବିମଳା ମୁଖ୍ୟ ଶକ୍ତି ରୂପେ ଉପାସିତା ହୋଇସାରିଥିଲେ । କିନ୍ତୁ ଦୁର୍ଗାପୂଜାର କ୍ରମବିକାଶରେ ଏହି ଭୌମକର ରାଜବଂଶର ଶକ୍ତି ଉପାସକ ରାଜା ଓ କେତେକ ରାଣୀମାନଙ୍କର ଅବଦାନ ଅବିସ୍ମରଣୀୟ ।

ସହକାରୀ ପ୍ରଫେସର, ଶରୀରତତ୍ତ୍ୱ ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୮୨୪୯୭୯୯୦୬

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଙ୍କ୍ଷର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚଙ୍କ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# କୃଷି ଉତ୍ପାଦନ ବୃଦ୍ଧି ପାଇଁ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଅପରିହାର୍ଯ୍ୟ

ଆମ ରାଜ୍ୟରେ ଧାନ ବ୍ୟତୀତ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ଆମର ଆବଶ୍ୟକତା କୁ ପୂରଣ କରିବାକୁ ଅସମର୍ଥ । କାରଣ ଯେହେତୁ କୋବି , ଗାଜର, କ୍ୟାପ୍ସିକମ୍ ,ପିଆଜ ,ଦେଶୀଆଳୁ ,ଆଳୁ ,ଟମାଟୋ ,ଡାଲି ଓ ତୈଳ ଜାତୀୟ କୃଷିଜାତ ଦ୍ରବ୍ୟର ପ୍ରଚୁର ପରିମାଣ ରେ ଉତ୍ପାଦନ ହୋଇପାରୁ ନାହିଁ ତେଣୁ ଆମକୁ ଅନ୍ୟ ରାଜ୍ୟର କୃଷିଜାତ ଦ୍ରବ୍ୟ ଉପରେ ପୂର୍ଣ୍ଣ ମାତ୍ରା ରେ ନିର୍ଭର କରିବାକୁ ପଡୁଛି ଓ ତାହା ପୁଣି ଅଧିକ ଦରରେ । ଆମ ରାଜ୍ୟର ମାଟି ଓ ଜଳବାୟୁ ରେ ସବୁ ପ୍ରକାର ର କୃଷିଜାତ ଦ୍ରବ୍ୟ ହୋଇ ପାରିବ ତା ଛଡ଼ା ଆମର ଚାଷୀ ମାନେ ଅଧିକ ପରିଶ୍ରମୀ ଓ କର୍ମଠ । ସେମାନଙ୍କୁ ଉନ୍ନତ କୃଷି ପ୍ରଣାଳୀ,ଓ ଉନ୍ନତ ଧରଣର ବିହନ ଠିକ୍ ସମୟରେ ନ ପାଇପାରୁଥିବାରୁ ଅଧିକ ଉତ୍ପାଦନ ସମ୍ଭବ ହେଉ ନାହିଁ । କୃଷି , ମତ୍ସ୍ୟ ଚାଷ ,ପଶୁ ପାଳନ ,କୁକୁଡ଼ା ଓ ବତକ ଚାଷ ,ଛତୁ ଚାଷ , ଉଦ୍ୟାନ କୃଷି ,ଘୁଷୁରୀ ପାଳନ ର ଉନ୍ନତ ଧରଣର ପ୍ରଣାଳୀ ଅନୁସରଣ କରି ଅନ୍ୟ ରାଜ୍ୟର ଚାଷୀ ମାନେ ଅଧିକ ଉତ୍ପାଦନ କରି ନିଜର ଗୁଜୁରାଣ ମେଣ୍ଟାଇ ଭବିଶ୍ୱତ୍ ପାଇଁ ମଧ ସଞ୍ଚୟ କରି ଅନେକ ଖୁସି ରେ ରହୁଛନ୍ତି । ସେହିପରି ଯଦି ଆମ ରାଜ୍ୟର ଚାଷୀ ମାନଙ୍କୁ ସୁଲଭ ମୂଲ୍ୟରେ ସାର,ବିହନ ,ଔଷଧ , କମ୍ ସୁଧରେ ବ୍ୟାଙ୍କ୍ ଋଣ ଯୋଗାଇ ଦେଲେ ସେମାନେ ମଧ ଅନ୍ୟମାନଙ୍କ ଭଳି ଅନେକ ଉତ୍ପାଦନ କ୍ଷମ ହୋଇ ପାରିବେ । ସରକାରୀ ସ୍ତରରେ ଅନେକ ଯୋଜନା ପ୍ରସ୍ତୁତ ହେଉଛି କେନ୍ଦ୍ର ତଥା ରାଜ୍ୟ ସରକାର ଙ୍କ ମାଧ୍ୟମରେ ଚାଷୀ ମାନଙ୍କ ଉନ୍ନତି ପାଇଁ କିନ୍ତୁ ତାହା ଯଥେଷ୍ଟ ଭାବରେ ତାର ସୁଫଳ ଚାଷୀ ମାନଙ୍କ ପାଖରେ ପହଞ୍ଚି ପାରୁନାହିଁ । ଆମ ରାଜ୍ୟରେ ଭୁବନେଶ୍ୱର ରେ କୃଷି ବିଶ୍ୱବିଦ୍ୟାଳୟ ଅଧୀନରେ ଧାନ,ମାଣ୍ଡିଆ , ମକା,ଆଳୁ , ପୋଟଳ,ଓ ଅନେକ ପାରିବା ର ଉନ୍ନତ ଧରଣର ବିହନ,ମାଛ ଚାଷ ପାଇଁ ଫିଶରି କଲେଜ ,ପଶୁ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ ସ୍ଥାପନ କରାଯାଇଛି ସେଠାରେ ଛାତ୍ର ଛାତ୍ରୀ ମାନଙ୍କ ସହିତ ଅନେକ ପ୍ରଫେସର ଓ କୃଷି ବିଜ୍ଞାନୀ ସେମାନଙ୍କ ଗବେଷଣା ପାଇଁ ଲାବ୍‌ରୋଟାରି ଅଛି କିନ୍ତୁ ସେମାନଙ୍କ ଗବେଷଣା ର ସୁଫଳ ଚାଷୀ ମାନଙ୍କ ପାଖରେ ପହଞ୍ଚି ପାରୁନାହିଁ । କୃଷି ବିଶ୍ୱିଦ୍ୟାଳୟ ର ସର୍ବୋଚ୍ଚ ଅଧିକାରୀ ମାନେ ଏଥିପ୍ରତି ବିଲକୁଲ ଯତ୍ନବାନ ନୁହନ୍ତି ଯାହାକି ସେମାନେ ଚାଷୀ ମାନଙ୍କ ବୃହତ୍ତର ଉନ୍ନତି ପାଇଁ କରିବା କଥା ।

ସ୍ୱାଧୀନତା ପରେ ଯେତେବେଳେ ବ୍ଲକ ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା ସେତେବେଳେ ପ୍ରତି ବ୍ଲକ୍ ରେ ତାଲିମ ପ୍ରାପ୍ତ ଗ୍ରାମ ସେବକ ମାନେ ନିଯୁକ୍ତି ପାଉଥିଲେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କ ଉପରେ ପ୍ରତି ବ୍ଲକ ରେ କୃଷି ସମ୍ପ୍ରସାରଣ ଅଧିକାରୀ ମାନଙ୍କୁ ନିଯୁକ୍ତି ଦିଆଯାଉଥିଲା । ସେମାନେ ପ୍ରତି ଗ୍ରାମ ମାନ କୁ ଯାଇ ଚାଷୀ ମାନଙ୍କ ସହିତ ପ୍ରତ୍ୟକ୍ଷ ସଂସ୍ପର୍ଶ ରେ ଆସି ଗ୍ରାମ ସେବକ ମାନଙ୍କ ମାଧ୍ୟମ ରେ ଚାଷୀ ର ସମସ୍ୟା ବୁଝି ତାର କିପରି ଉନ୍ନତ ଚାଷ ହୋଇ ପାରିବ ସେ ଦିଗରେ ଅଧିକ ଧ୍ୟାନ ଦେଉଥିଲେ ଓ ଏହା ଦ୍ୱାରା ଉତ୍ପାଦନ ମଧ ବୃଦ୍ଧି ହେଉଥିଲା । କିନ୍ତୁ ବଡ ଦୁଃଖର ବିଷୟ ଯେ ଆଜିକାଲି ଅନେକ ଉନ୍ନତ ଧରଣର ପ୍ରଣାଳୀ ବାହାରିବା ସତ୍ତ୍ୱେ ଆବଶ୍ୟକତା ହିସାବରେ ଗ୍ରାମ ସେବକ ନାହାନ୍ତି ବା ଯଦି ଅଛନ୍ତି ତେବେ ବ୍ଲକ ଅଧିକାରୀ ମାନେ ଆଉ ଗାଁ କୁ ଗାଁ ବୁଲି ଲୋକଙ୍କ ସହିତ ସମ୍ପ୍ରସାରଣ ପ୍ରଣାଳୀ ,ଗୋଷ୍ଠିଗତ ଆଲୋଚନା ,କ୍ଷେତ୍ର ପ୍ରଦର୍ଶନ ଇତ୍ୱଦି ହେଉ ନାହିଁ ଯାହା ଫଳରେ ଆମ ରାଜ୍ୟରେ ଥିବା ଚାଷୀ ମାନେ ଅଧିକ ଉତ୍ପାଦନ ଓ ରୋଜଗାର କରିବାକୁ ଅକ୍ଷମ ।ତାର ଆଉ ଗୋଟିଏ କାରଣ ଯେ ଆମ ଦେଶ ତଥା ରାଜ୍ୟ ର ଚାଷୀ ମାନେ ଅଧିକ ରୁ ଅଧିକ ହେଉଛନ୍ତି ଅଶିକ୍ଷିତ ଶ୍ରେଣୀର ଏପରିକି ଅନେକ ପରିଶ୍ରମୀ ଚାଷୀ ହେଉଛନ୍ତି ଆଙ୍ଗୁଠି ଛାପ । ପ୍ରତି ବର୍ଷ ଆମ ରାଜ୍ୟରେ ଆଳୁ ,ପିଆଜ ଟମାଟୋ ,ବିନ ଇତ୍ୟାଦି ମୁଖ୍ୟ ଖାଦ୍ୟ ରୁପେ ବ୍ୟବହାର ଦ୍ରବ୍ୟ କୁ ଅନ୍ୟ ରାଜ୍ୟ ରୁ ଆମଦାନୀ କରିବାକୁ ପଡୁଛି କାରଣ ଯାହାବି ଚାଷୀ ଉତ୍ପାଦନ କରୁଛି ତାର ବଳକା ଦ୍ରବ୍ୟକୁ ସଂରକ୍ଷିତ କରିବା ପାଇଁ ଯଥେଷ୍ଟ ଶୀତଳ ଭଣ୍ଡାର ନାହିଁ ।ତେଣୁ ଅନେକ ସମୟରେ ଉତ୍ପାଦ ଦ୍ରବ୍ୟକୁ ଅତି କମ୍ ଦାମ ରେ ବିକ୍ରି କରି ଚାଷୀ ହନ୍ତସନ୍ତ ହୁଏ । ସେଥିପାଇଁ ସରକାର ସ୍ତରରେ ଏହି ସବୁ ଅସୁବିଧା କୁ ଅନୁଧ୍ୟାନ କରି ବ୍ଲକ ସ୍ତରରୁ ଆରମ୍ଭ କରି ପ୍ରତି ଗାଁ ମାନଙ୍କୁ ଯାଇ ଚାଷୀ ମାନଙ୍କ ମୁଖ୍ୟ ସମସ୍ୟା କଣ ଜାଣି କୃଷି ବିଶ୍ୱିଦ୍ୟାଳୟ ର ସାହାଯ୍ୟ ନେଇ ବିଭିନ୍ନ ପ୍ରକାରର ସମ୍ପ୍ରସାରଣ କାର୍ଯ୍ୟକ୍ରମ ଆରମ୍ଭ କରି ଚାଷୀ ମାନଙ୍କୁ ଉତ୍ସାହିତ କରାଇ ପାରିଲେ ଆମ ରାଜ୍ୟ ମଧ୍ୟ ଅନ୍ୟ ରାଜ୍ୟ କୁ ପନିପରିବା ,ମାଛ ,ଅଣ୍ଡା ,କୁକୁଡ଼ା ମାଂସ ,ବତକ ମାଂସ , ରପ୍ତାନି କରିପାରିବ । ଏହା ଛଡ଼ା ଓଡ଼ିଶା ସରକାର ଚାଷୀ ମାନଙ୍କୁ ଉତ୍ସାହିତ କରାଇ ଆଖୁ ଚାଷ ପାଇଁ ପରାମର୍ଶ ଦେଇ ଆଖୁ ଚାଷୀ କୁ ସାହାଯ୍ୟ କରି ଯଦି ଓଡ଼ିଶାରେ ଥିବା ଚିନି କଳ ଗୁଡ଼ିକ ର ପୁନରୁଦ୍ଧାନ କରାଇ ପାରନ୍ତି ତେବେ ଆମେ ମଧ ନିଜେ ଚିନି ,ଗୁଡ ,ଓ ଅନ୍ୟାନ୍ୟ ଆଖୁଜତ ଦ୍ରବ୍ୟ ବ୍ୟବହାର କରି ଅନ୍ୟ ରାଜ୍ୟ କୁ ବିକ୍ରି କରି ପାରନ୍ତେ । ଏସବୁ ପାଇଁ ସରକାରୀ ସ୍ତରରେ ଠୋସ ପଦକ୍ଷେପ ନେଇ କୃଷି ବିଜ୍ଞାନୀ ଓ ଚାଷୀ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ରାଜ୍ୟରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଚାଷୀ ମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଉତ୍ସାହିତ କରାଇ ପାରିଲେ ଆମ ରାଜ୍ୟ ର ଉତ୍ପାଦନ ଅସମ୍ଭବ ଧରଣର ବୃଦ୍ଧି ପାଇବ ଓ ଚାଷୀ ମାନେ ସେମାନଙ୍କ ଉଚିତ୍ ମୂଲ୍ୟ ପାଇପାରିବେ ତଥା ସେମାନଙ୍କ ରୋଜଗାର ଅଧିକ ହେବା ସହିତ ସେମାନେ ଖୁବ୍ ଖୁସି ବ୍ୟକ୍ତ କରିପାରିବେ ଓ ବୃଦ୍ଧି ହେଉଥିବା ଅହେତୁକ ଦର ଦାମ ଅନେକାଂଶରେ କମି ଯାଇ ଖାଉଟି ମାନେ ମଧ ଖୁସି ବ୍ୟକ୍ତ କରନ୍ତେ । ଏଥିପାଇଁ ସରକାରୀ ପ୍ରଚେଷ୍ଟା ଅତ୍ୟନ୍ତ ଅପରିହାର୍ଯ୍ୟ ।

*ଶ୍ରୀ ଲକ୍ଷ୍ମୀନାରାୟଣ କର*
*ପୂର୍ବତନ ନିର୍ଦ୍ଦେଶକ*
*କୃଷି ବିଶ୍ୱବିଦ୍ୟାଳୟ*
*ପ୍ଲଟ ନଂ ୨୫, ସୂର୍ଯ୍ୟ ନଗର, ଭୁବନେଶ୍ୱର*
*୯୪୩୭୧୮୫୬୦୭*

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରିକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଗଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ଯୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଂପସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି ।




# ପୁରାଣ ଆବୃତ୍ତି ଓ ଶଙ୍ଖଫୁଙ୍କା ମଧ୍ୟରେ ଆରମ୍ଭ ହେଲା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା

ଭୁବନେଶ୍ୱର (ପିଏନ)-ପ୍ରଥା, ପରମ୍ପରା ଓ ପରିପାଟୀ ମଧ୍ୟରେ ବଞ୍ଚି ରହିଥିବା ଓଡ଼ିଆଙ୍କର ପରିଚୟ ସହ ଭାଷା,ସଂସ୍କୃତି ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଲକ୍ଷ୍ୟରେ ସଂଭାବନା ପକ୍ଷରୁ ସପ୍ତଦଶ ବର୍ଷରେ ପହଞ୍ଚିଥିବା ଅଭିଯାନ ଓଡ଼ିଆ ମହୋତ୍ସବର ପ୍ରମୁଖ କାର୍ଯ୍ୟକ୍ରମ ତଥା ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉତ୍କଳ ଦିବସର ସ୍ମରଣୀୟ ସଂଧ୍ୟାରୁ ଓଡ଼ିଆଣୀମାନଙ୍କ ଦ୍ୱାରା ପୁରାଣ ପାଠ ଓ ଶଙ୍ଖଫୁଙ୍କାରୁ ଆରମ୍ଭ ହୋଇଛି। ଏହି ଅନନ୍ୟ କାର୍ଯ୍ୟକ୍ରମ ସହ ହସ୍ତାକ୍ଷର,ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରୁ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତାର ମଧ୍ୟ ଶୁଭାରମ୍ଭ ହୋଇଛି। ଏକାମ୍ର ହାଟର ମୁକ୍ତାକାଶ ମଞ୍ଚରେ ଓଡ଼ିଆଣୀମାନଙ୍କ ଦ୍ୱାରା ଶାରଳା ଦାସଙ୍କ ମହାଭାରତ,ଜଗନ୍ନାଥ ଦାସଙ୍କ ଭାଗବତ ଓ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ଆଦି ବିଭିନ୍ନ ଓଡ଼ିଆ ପୁରାଣ ପାଠ ସହ ସହ ଶଙ୍ଖନାଦରେ ନିନାଦିତ ହୋଇଥିଲା ସମଗ୍ର ଏକାମ୍ର ହାଟର ମନୋରମ ପରିବେଶ। ପ୍ରମୁଖ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ବିଶିଷ୍ଟ ସଂଗୀତ ଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ଓଡ଼ିଆ ମହୋତ୍ସବର ଅଧ୍ୟକ୍ଷ ତଥା ଓଡିଶା ହାଉସିଂ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ରାଜୀବ ଶେଖର ସାହୁ,ସଂଭାବନାର କାର୍ଯ୍ୟକାରୀ ଅଧ୍ୟକ୍ଷ ସୁଦର୍ଶନ ଦାସ ଉପସ୍ଥିତି ସହ ସମ୍ମାନିତ ଅତିଥି ଭାବେ ୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ଶ୍ରୀମତୀ ରଶ୍ମି ସାହୁ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିମାନେ ସମ୍ବୋଧିତ କରି ଉତ୍କଳ ଦିବସ ଭଳି ଓଡ଼ିଆଙ୍କର ସ୍ମରଣୀୟ ଦିବସରୁ ଓଡ଼ିଆତ୍ୱର ସୁରକ୍ଷା ପାଇଁ ଏହିଭଳି ଅଭିନବ ଉଦ୍ୟମ ଧାରାବାହିକତା ରକ୍ଷା କରି ବର୍ଷ ପରେ ବର୍ଷ ଚାଲିଥିବା ଆନନ୍ଦର ବିଷୟ ବୋଲି କହିଥିଲେ। ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା।

ସଂଭାବନାର ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜାଙ୍କର ପ୍ରାରମ୍ଭିକ ସୂଚନା ସହ ଓଡ଼ିଆ ଜାତୀୟତାବାଦୀ ସଂଗୀତରୁ ଆରମ୍ଭ ହୋଇଥିଲା ଉଦ୍‌ଘାଟନୀ ସଂଧ୍ୟା। ଜଣାଶୁଣା ଗାୟକ ଅର୍ଣ୍ଣବ ପଣ୍ଡା,ବିପୁଲ ଓ ଛନ୍ଦା ମିଶ୍ର ଆଦିଙ୍କ ସ୍ୱରରେ ଓଡ଼ିଆତ୍ୱର ମୂର୍ଚ୍ଛନା ସହ ହସ୍ତାକ୍ଷର,ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶିଶୁ-କିଶୋରମାନେ ପରିବେଶକୁ ବେଶ୍ ମହକାଇଥିଲେ।

ସେହିଭଳି ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ପୁରାଣ ଆବୃତ୍ତି ପ୍ରତିଯୋଗିତାର ବିଚାରକ ଭାବେ ଉପସ୍ଥିତ ଥିଲେ, ଲଡୁ କିଶୋର ପଡିହାରୀ ଓ ମନୋଜ କୁମାର ଶତପଥି ।ଏହି ଅବସରରେ ଓଡିଶୀ ନୃତ୍ୟ ମଧ୍ୟ ପରିବେଷିତ ହୋଇଥିଲା। ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ମୁଖ୍ୟ ପରିଚାଳନା ଏବଂ ପ୍ରଫୁଲ୍ଲ ଦେଙ୍କର ସଂଚାଳନରେ ଅନୁଷ୍ଠିତ ହୋଇଥିଲା ଏହି ଉଦ୍‌ଘାଟନୀ ଉତ୍ସବ। ଏପ୍ରିଲ ୨ ତାରିଖରେ ଓଡିଆଣୀଙ୍କ ମଧ୍ୟରେ ମୁରୁଜ ଓ ଭାଷାଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ହତ୍ୟା ଅଭିଯୁକ୍ତଙ୍କୁ ଜିଲ୍ଲାଜଜଙ୍କ ଆଜୀବନ କାରାଦଣ୍ଡାଦେଶ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ଏକ ହତ୍ୟା ମାମଲାର ବିଚାର କରି ଦୋଷୀକୁ ଆଜୀବନ କରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜୋରିମାନାରେ ମଧ୍ୟ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ନିକିରାଇ ଥାନା ଅନ୍ତର୍ଗତ ପଳସିଂହା ପଞ୍ଚାୟତର ମିର୍ଜାପୁର ଗ୍ରାମର ଶ୍ରୀକାନ୍ତ ସ୍ୱାଇଁଙ୍କ ପତ୍ନୀ ମୀତା ସ୍ୱାଇଁ ଗତ ୨୦୧୪ ମସିହା ଫେବୃୟାରୀ ମାସ ୨୮ ତାରିଖ ବିଳମ୍ବିତ ରାତିରେ ଉଠି ପରିସ୍ରା କରିବାକୁ ଘର ବାହାରକୁ ଯାଇଥିଲେ। ସେ ପରିସ୍ରା କରୁଥିବା ବେଳେ ସେହି ଗ୍ରାମର ରଙ୍ଗାଧର ବିଶ୍ୱାଳ ତାଙ୍କୁ ମାଡିବସି ଅସଦାଚରଣ କରିବାରେ ମୀତା ପାଟି କରିଥିଲେ। ଫଳରେ ମୀତାଙ୍କ ସ୍ୱାମୀ ଶ୍ରୀକାନ୍ତ ଉଠିପଡି ସେଠାକୁ ଆସି ଘଟଣାର ପ୍ରତିବାଦ କରିଥିଲେ। ଶ୍ରୀକାନ୍ତ ଏଥିରେ ଉତକ୍ଷିପ୍ତ ହୋଇ ଏକ ଭୁଜାଲିରେ ଶ୍ରୀକାନ୍ତଙ୍କୁ ଗୋଟିଏ ପରେ ଗୋଟିଏ ଚୋଟ ମାରିଥିଲେ। ଶ୍ରୀକାନ୍ତଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସମ୍ପର୍କରେ ନିକିରାଇ ଥାନାରେ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ରଙ୍ଗାଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଅଭିଯୋଗଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲା। ଏସ.ଟି. କେଶ ନମ୍ବର -୧୮୬/୨୦୧୪ରେ ଏହି ମାମଲାର ବିଚାର କରି କେନ୍ଦ୍ରାପଡା ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ଭାରତୀୟ ଦଣ୍ଡବିଧି ଆଇନର ୩୨୪, ୩୫୪, ୫୦୬ ଓ ୩୦୨ ଦଫାରେ ଅଭିଯୁକ୍ତ ରଙ୍ଗାଧର ବିଶ୍ୱାଳଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ୧୦ ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଏକବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ମାନସରଞ୍ଜନ ବେହେରା କୋର୍ଟରେ ଏହି ମାମଲାର ପରିଚାଳନା କରୁଥିଲେ।

# ଶ୍ରୀଲିଙ୍ଗରାଜ ମନ୍ଦିରକୁ ପାନ, ଗୁଟ୍‌ଖା, ଖଇନିର ପ୍ରବେଶକୁ ବିରୋଧ



ଭୁବନେଶ୍ୱର (ପିଏନ୍): ସ୍ୱଚ୍ଛତା ହିଁ ପବିତ୍ରତା। କଥାରେ ଅଛି ଯେଉଁଠି ସ୍ୱଚ୍ଛତା ନାହିଁ ସେଠି ପବିତ୍ରତା ନାହିଁ। ସ୍ୱଚ୍ଛତାକୁ ନେଇ ସାରା ଦେଶରେ ଚାଲିଛି ସ୍ୱଚ୍ଛ ଭାରତ ଅଭିଯାନ। ହେଲେ ଏକାମ୍ରକ୍ଷେତ୍ରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ସ୍ୱଚ୍ଛତାରେ ଦେଖାଦେଇଛି ବ୍ୟତିକ୍ରମ। ଯାହାର ଚିତ୍ର ସାମ୍ନାକୁ ଆସିଛି। ମନ୍ଦିର ଭିତରୁ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ସଫା କରାଯାଇଛି ପୁଳା ପୁଳା ପାନ, ଗୁଟ୍‌ଖାର ପିକ। ଏଥିପାଇଁ ଦାୟୀ କିଏ ? ଯାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଐତିହ୍ୟ, କୀର୍ତ୍ତିରାଜି ମଣ୍ଡିତ ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର ଭିତରେ ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ଦେଖିବାକୁ ମିଳୁଥିଲେ ହେଁ ଏଥିପ୍ରତି କାହାରି ଟିକେ ନିଘା ନଥିବା ପରି ମନେହୁଏ। ଏ ନେଇ ଭକ୍ତ, ଶ୍ରଦ୍ଧାଳୁ, ସାମାଜିକ କର୍ମୀମାନେ ଚିନ୍ତାପ୍ରକଟ କରିଛନ୍ତି। ଏ ନେଇ ମନ୍ଦିର ପ୍ରଶାସନ, ସେବାୟତମାନେ ଆଲୋଚନା କରନ୍ତୁ। ଏଥିପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ସହ କଟକଣା ଜାରି କରନ୍ତୁ ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ, ଗୋପୀମୋହନ ପଟ୍ଟନାୟକ, ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା ପ୍ରମୁଖ ଦାବି କରିଛନ୍ତି।

# ବାଇକ ଚୋରୀ ଅଭିଯୋଗରେ ଦୁଇ ଗିରଫ

ଖୋର୍ଦ୍ଧା (ପିଏନ)-ଗତ ମାସ ୧୫ ତାରିଖ ଦିନ ୧୦ ଘଟିକା ସମୟରେ ଖୋର୍ଦ୍ଧା ସଦର ମହକୁମାର ଶକୁନ୍ତଳା ମାର୍କେଟ କଂପ୍ଲେକ୍ସର କାନାରା ବ୍ୟାଙ୍କ ନିକଟରେ ଭିଡୋ କମ୍ପାନୀର କର୍ମଚାରୀ ଦେବବ୍ରତ ଖୁଂଟିଆ ଓଡି ୩୩କେ୨୧୧୫ ନମ୍ବର ବିଶିଷ୍ଟ ବାଇକ ରଖି କାର୍ଯ୍ୟ କରୁଥିଲେ । କିଛି ସମୟ ପରେ କୌଣସି ଜରୁରୀ କାର୍ଯ୍ୟ ପାଇଁ ନିଜର ବାଇକଟିକୁ ନ ପାଇବାରୁ ବହୁ ଖୋଜାଖୋଜି କରିଥିଲେ । ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କାର୍ଯ୍ୟ ଆରମ୍ଭ କରିଦେଇଥିଲା । ଆଦର୍ଶ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦ ମୁସଲିମ ସାହିର ମହମ୍ମଦ ଖାନ(୨୯) ଓ ଅନ୍ୟ ଜଣକ ହେଉଛି ବାଲୁଗାଁ ଥାନା ଅନ୍ତର୍ଗତ ଜାଗୁଳେଇପାଟଣା ଗ୍ରାମର ରାଜା ବେହେରା (୨୬)। ସେମାନଙ୍କଠାରୁ ବାଇକ ଜବତ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଗତ ୧୧ ତାରିଖ ଦିନ ବାଲୁଗାଁର ପାତ୍ର କଲୋନୀର ଦୁଇଟି ଓ ପୁରୀରୁ ମଧ୍ୟ ବାଇକ ଚୋରୀ କରିଥିବାର ତଦନ୍ତ ବେଳେ ଜଣାପଡିଥିବା ବେଳେ ଏମପି ୦୯ଏନଜି୫୫୮୩ ନମ୍ବର ବିଶିଷ୍ଟ ସ୍ୱେଣ୍ଡର କମ୍ପାନୀର ବାଇକଟି ଅଭିଯୁକ୍ତ ନିକଟ ସମ୍ପର୍କୀୟ ମୁକୁନ୍ଦପ୍ରସାଦସ୍ଥିତ ରୀତା ବେହେରା ଘରେ ଥିବାର ଜାଣି ପୋଲିସ ନିଜ ହେପାଜତରେ ଆଣି ରଖିଛି।

# ମର୍ତ୍ତ୍ୟ ମଣ୍ଡଳେ ଦେହ ବହି...

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ଗୋଟିଏ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ'। ସଂସାର ରୂପକ ରଙ୍ଗମଞ୍ଚରେ ଜନ୍ମ ପରେ ପ୍ରତ୍ୟେକଙ୍କୁ ଭଗବାନଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଜ ନିଜର ଅଭିନୟ ଶେଷ କରି ମୃତ୍ୟୁବରଣ କରିବାକୁ ହୁଏ। ଅସଂଖ୍ୟ ଅଭିନେତା ଓ ଅଭିନେତ୍ରୀଙ୍କ ଅଭିନୟ ଦେଖିଥିଲେ ମଧ୍ୟ ସମସ୍ତଙ୍କୁ ମନେରଖି ହୁଏନାହିଁ। କେତେ ଜଣଙ୍କ ସଂସ୍ପର୍ଶରେ ଆସିଲା ପରେ ସେମାନଙ୍କର ମନଛୁଆଁ ଅଭୁଲା କାର୍ଯ୍ୟ କଳାପ ଯୋଗୁଁ ସେମାନଙ୍କୁ ଭୁଲି ହୁଏନାହିଁ। ଏହିପରି ଜଣେ ମହିୟସୀ ମହିଳା ଥିଲେ ମୋ ମାଆ ପୂଜ୍ୟା ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଆଶ୍ରିତ ବାସନ୍ତୀ ଦେବୀ।

ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ବାସନ୍ତୀ ଦେବୀ।

ମନେପଡ଼ୁଛି ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଏକ ଦିବ୍ୟ ବାଣୀ। ''ଜନ୍ମମୃତ୍ୟୁର ଚକ୍ରରୁ ମୁକ୍ତି ପାଇବା ପାଇଁ ତୁମ ସମସ୍ତଙ୍କ ହାତରେ ଖଣ୍ଡିଏ ଲେଖାଏଁ ଟିକେଟ ଅଛି। ମାତ୍ର ଏଥିପାଇଁ କେଉଁ ଗାଡ଼ିରେ ଚଢ଼ିବାକୁ ହେବ, ତୁମେ ଜାଣି ନପାରି ବାଟବଣା ହେଉଛ। ସଂସାରରୂପୀ ଜଙ୍ଗଲରେ ନାନା ଦୃଶ୍ୟ ଦ୍ୱାରା ଆକୃଷ୍ଟ ହୋଇ ଲକ୍ଷ୍ୟଭ୍ରଷ୍ଟ ହେଉଛ।''

ଶ୍ରୀମଦ ଭାଗବତରେ ଉଲ୍ଲେଖ ଅଛି -'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି, ବୃକ୍ଷର ତଳେ ଜେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାବିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧାତ୍ମିକ ପଥରେ କ୍ୱଚିତ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧିକା ଥିଲେ ଏହି ପରୋପକାରୀ ମହିଳା ବ୍ୟକ୍ତିତ୍ୱ। ଜୀବନକୁ ସେ କେବଳ ବଞ୍ଚିନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ। ମନେପଡ଼ୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - 'ସେ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇ ନ ପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ଏହିପରି ଏକ ଜୀବନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ତାଙ୍କ ଜୀବନ ତମାମ ସର୍ବୋପରି ଥିଲା ଅନ୍ୟମାନଙ୍କ ପାଇଁ ସମାଜ ସେବା, ଅନ୍ୟ ମାନଙ୍କ ଉପକାର, ଅନ୍ୟ ମାନଙ୍କ ପାଇଁ ହିଁ ଭଲପାଇବା। ଆଜି ତାଙ୍କ ବୋହୂ ପୁଷ୍ପଲତା ଦାସ, ନାତୁଣୀ ସାଇସ୍ମିତା ଦାସ, ସତ୍ୟସାଗର ଦାସ ସମସ୍ତେ କାନ୍ଦୁଛନ୍ତି ତାଙ୍କର ଅମର ଆତ୍ମା ପାଇଁ କିନ୍ତୁ ସେ ତାଙ୍କ ଜୀବନକୁ ନିର୍ବାହ କରିଥିଲେ ପରୋପକାର, ସମାଜ ସେବା ଓ ଆଧାତ୍ମିକ ଜୀବନ ପାଇଁ ସମର୍ପିତ ହୃଦୟକୁ ନେଇ। ଯେଉଁଠି ନା ଥିଲା ସ୍ୱାର୍ଥ, ନା ଥିଲା ପ୍ରଚାର, ନା ଥିଲା ପ୍ରସାର? ଆଜି ତମାମ କେନ୍ଦୁପାଟଣା ନୁହେଁ ଓଡ଼ିଶା କାନ୍ଦୁଛି ଏହି ମହିୟସୀ ବ୍ୟକ୍ତିତ୍ୱଙ୍କ ପାଇଁ। କାରଣ ତାଙ୍କର ଜୀବନର ସମର୍ପଣ ଥିଲା ଅନ୍ୟମାନଙ୍କ ସେବା, ଅନ୍ୟମାନଙ୍କ ଉନ୍ନତି, ଅନ୍ୟମାନଙ୍କ ପ୍ରଗତି। ଜଗତକୁ ଆସିଲେ ଜଗତ ଛାଡ଼ିବା, ଜୀବ ପାଇଁ ଏକ ନିଶ୍ଚିତ ସତ୍ୟ। ମଣିଷ ଆସେ ଯେଉଁ ଅନନ୍ତ ସତ୍ତା ମଧ୍ୟରୁ ତାର ଫେରିବା ନିଶ୍ଚିନ୍ତ ହୋଇଥାଏ। ସେହି ସତ୍ତା ମଧ୍ୟରେ ବିଲୀନ ହୋଇଯିବା ପାଇଁ। ମାତ୍ର ବାଟ ଚାଲିଲା ବେଳେ ବାଟ ହୁଡ଼ିଲେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବା ହୋଇଯାଏ କାହାରି କାହାରି ପକ୍ଷରେ କଷ୍ଟସାଧ୍ୟ ଅଥବା ଅସମ୍ଭବ। ଜୀବନରେ ତ୍ୟାଗ, ଉତ୍ସର୍ଗ, ଭଲ ପାଇବା, ପରୋପକାର, ଅନ୍ୟମାନଙ୍କ ସମର୍ପଣ ବଡ଼ କଥା। ଏହାହିଁ ଆମମାନଙ୍କ ପାଇଁ ପ୍ରେରଣା ଉତ୍ସ ହେଉ, ଏହାହିଁ କାମନା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ବେଆଇନ ପଥର ଖଣି ଉପରେ ଚଢାଉ, ମୁଖ୍ୟ ଆସାମୀ ଗିରଫ

ଖୋର୍ଦ୍ଧା (ପିଏନ)-ଖୋର୍ଦ୍ଧା ସଦର ମହକୁମା ଅନ୍ତର୍ଗତ କୁମାରବସ୍ତରେ ଚାଲୁଥିବା ବେଆଇନ ପଥର ଖଣି ଉପରେ ଗତ ମାସ ୧୮ ତାରିଖ ଦିନ ଶିଙ୍ଖାଂଚଳ ଫାଣ୍ଡି ପୋଲିସ କର୍ମଚାରୀ ଚଢ଼ାଉ କରିଥିଲେ । ଏହି ଚଢାଉ ବେଳେ ୧ ଗୋଟି ଓଆର ୦୯ ଇ ୯୫୩୩ ନମ୍ବର ବିଶିଷ୍ଟ ପଥର ବୋଝେଇ ଟ୍ରକ,ଦୁଇଟି ପାୱାର ଟିଲର ଏବଂ ପଥର କାଟିବା ପାଇଁ ଯନ୍ତ୍ରାଂଶ ଜବତ କରିବା ସହ ମୁଖ୍ୟ ଅଭିଯୁକ୍ତ ଗଙ୍ଗପଡାର ଶ୍ରୀକାନ୍ତ ଯାଦବଙ୍କୁ ଗିରଫ କରିଛି । ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ୧୩/୨୨ରେ ଦଫା ୩୭୯/୩୪ ଆଇପିସି ସେକ୍ସନ ୫୧ ଓଏମଏମ ଆକ୍ଟରେ କେସ ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି ପୋଲିସ୍ ପକ୍ଷରୁ ବିଜ୍ଞପ୍ତିରେ ପ୍ରକାଶ ପାଇଛି।

## ଭୋଗଡାରେ ରାଜ୍ୟସ୍ତରୀୟ ସଂକୀର୍ତନ ମହୋତ୍ସବ

ଖୋର୍ଦ୍ଧା (ପିଏନ) -ବେଗୁନିଆ ବ୍ଲକ ଅନ୍ତର୍ଗତ ପଙ୍ଗାରସିଂହ ପଂଚାୟତର ଭୋଗଡା ଗ୍ରାମ ତଳସାହିରେ ପବିତ୍ର ଦୋଳପୂର୍ଣ୍ଣିମା ଉପଲକ୍ଷେ ଗ୍ରାମବାସୀଙ୍କ ସହଯୋଗରେ ୧୯ତମ ରାଜ୍ୟସ୍ତରୀୟ ଓଡିଶୀ ସଂକୀର୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମର ଆରାଧ୍ୟ ଦେବତା ରାଧାକାନ୍ତ ଦେବ, ଭଗବତ ଦେବ, ବାଲୁଙ୍କେଶ୍ୱର ଦେବ ଓ ମା ଡାହାଳିଆଣୀ ଦେବୀଙ୍କୁ ବିମାନରେ ସୁସଜ୍ଜିତ ସହ ଭକ୍ତିମୟ ପରିବେଶରେ ଶ୍ରଦ୍ଧାଳୁମାନେ ଗ୍ରାମ୍ୟ ପରିକ୍ରମା କରି ସଂକୀର୍ତନ ମହୋତ୍ସବ ପୀଠରେ ବୈଦିକ ରୀତିନିତି ଅନୁଯାଇ ପୀଠରେ ଅବସ୍ଥାପିତ କରିଥାନ୍ତି। ଏହି ମହୋତ୍ସବରେ ଗାୟକ ଚକ୍ରଧର ପଣ୍ଡା,ନିତ୍ୟାନନ୍ଦ ସ୍ୱାଇଁ,ନାରାୟଣ ବାରିକ, ଦୁର୍ଗା ଚରଣ ମାର୍ଥା, ସୁବାସ ମହାତ୍ର ଓ ରାମାୟଣୀ ପ୍ରବଚକ ବୈଦ୍ୟନାଥ ମିଶ୍ର ପ୍ରମୁଖ ସଂକୀର୍ତନ ପରିବେଷଣ କରିଥିଲେ ବୋଲି ଆୟୋଜକମାନଙ୍କ ଠାରୁ ପ୍ରକାଶ।

# କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ରାଜସ୍ୱ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ଗତ ୧୮ ତାରିଖ ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାର ରାଜସ୍ୱ ଆଦାୟର ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପିତାମ୍ବର ସାମଲ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଡେପୁଟି କଲେକ୍ଟର(ରାଜସ୍ୱ) ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ଡେରାବିଶ ତହସିଲଦାର ନମିତା ବାରିକ ଏବଂ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର ଏବଂ ଅତିରିକ୍ତ ତହସିଲଦାରମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜନମଙ୍ଗଳକାରୀ ସରକାରୀ ଯୋଜନାଗୁଡିକର ସଫଳ ରୂପାୟନ କରି ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର ଫଇସଲା ହୋଇନଥିବା ବିଭିନ୍ନ ରାଜସ୍ୱ ମାମଲା, ଜବରଦଖଲ ମାମଲା, ଦାଖଲ ଖାରଜ ମାମଲା, ଓଏଲଆର(୮କ) ମାମଲା, ଓଏଲଆର(୧୯-୧ଗ)ମାମଲା, ଭୂ-ବନ୍ଦୋବସ୍ତ ମାମଲା, ସୀମା ନିର୍ଦ୍ଧାରଣ ଇତ୍ୟାଦି ମାମଲାଗୁଡିକୁ ଆସନ୍ତା ୧୭ତାରିଖ ସୁଦ୍ଧା ଫଇସଲା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ୫-ଟି ଅଧିନରେ ଉଚ୍ଚ ବିଦ୍ୟାଳୟ ଓ ବିଦ୍ୟାଳୟଗୁଡିକୁ ରୂପାନ୍ତରୀକରଣ ଯୋଜନାରେ ବିଦ୍ୟାଳୟଗୁଡିକ ପାଇଁ ଜମି ବନ୍ଦୋବସ୍ତ କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ କ୍ଷୁଦ୍ରଲଘୁ ଖଣିଜ ପଦାର୍ଥରୁ ୨୦୨୧-୨୨ ଆର୍ଥିକ ବର୍ଷରେ ୩୨କୋଟି ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ମାର୍ଚ୍ଚ ୨୨ତାରିଖ ସୁଦ୍ଧା ୧୮କୋଟି ୬୯ଲକ୍ଷ ୮୭ହଜାର ୮୪୦ ଟଙ୍କା ରାଜସ୍ୱ ଆଦାୟ ହୋଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ତଥ୍ୟ ଦିଆଯାଇଥିଲା। ଅନଧିକାର ଲଘୁଖଣିଜ ଦ୍ରବ୍ୟ(ବାଲି ଓ ମାଟି)ର ଉତ୍ତୋଳନ ଓ ଏହାର ପରିବହନ ରୋକିବା ପାଇଁ ଦୃଢ ପଦକ୍ଷେପ ନେବାକୁ ଉପସ୍ଥିତ ତହସିଲଦାର ମାନଙ୍କୁ ରାଜସ୍ୱ ଆୟୁକ୍ତ ଶ୍ରୀ ଦଳାଇ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ମୂଲ୍ୟବାନ ସରକାରୀ ଜମିକୁ ସୁରକ୍ଷିତ ରଖିବା ଏବଂ ଏହାର ଅନଧିକାର ଅଧିଗ୍ରହଣକୁ ଉଚ୍ଛେଦ କରିବା ସହ ଏଥିପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ।

# ବରୁଥିନି ଏକାଦଶୀ

ପ୍ରାଚୀନ କାଳରେ ନର୍ମଦା ନଦୀ ତଟରେ ମାନ୍ଧାତା ନାମକ ରାଜା ଶାସନ କରୁଥିଲେ। ରାଜା ଅତ୍ୟନ୍ତ ଧାର୍ମିକ ଥିଲେ। ଥରେ ସେ ଜଙ୍ଗଲକୁ ଯାଇ ତପସ୍ୟା କରୁଥିବା ସମୟରେ ଏକ ଭାଲୁ ଆସି ତାଙ୍କ ପାଦ ଚୋବାଇବାକୁ ଲାଗିଲା। ମାତ୍ର ରାଜାଙ୍କ ତପସ୍ୟା ଭଙ୍ଗ ହେଲା ନାହିଁ। ଧୀରେ ଧୀରେ ଭାଲୁ ରାଜାଙ୍କ ସମ୍ପୂର୍ଣ୍ଣ ପାଦ ଖାଇ ଦେଲା। ରାଜାଙ୍କୁ ଘୋଷାଡ଼ି ଘୋଷାଡ଼ି ଜଙ୍ଗଲ ଭିତରକୁ ନେଇଗଲା। ରାଜା ତପସ୍ୟା କରୁଥିବା କାରଣରୁ କ୍ରୋଧ ଏବଂ ହିଂସା ନକରି ଭଗବାନ ବିଷ୍ଣୁଙ୍କୁ ଡାକିବାକୁ ଲାଗିଲେ। ରାଜାଙ୍କ ଡାକ ଶୁଣି ଭକ୍ତବତ୍ସଳ ଭଗବାନ ବିଷ୍ଣୁ ପ୍ରକଟ ହୋଇ ସୁଦର୍ଶନ ଚକ୍ର ଦ୍ୱାରା ଭାଲୁର ବଧ କଲେ। ରାଜାଙ୍କ ସମ୍ପୂର୍ଣ୍ଣ ପାଦ ଭାଲୁ ଖାଇ ଦେଇଥିଲା। ରାଜା ଶୋକାତୁର ହୋଇପଡ଼ିଲେ। ଏହାଦେଖି ଭଗବାନ ବିଷ୍ଣୁ କହିଲେ, ହେ ବତ୍ସ! ଶୋକ କରନାହିଁ। ତୁମେ ମଥୁରା ଯାଇ ସେଠାରେ ବରୁଥିନି ଏକାଦଶୀ ବ୍ରତ ରଖ। ମୋର ବରାହ ଅବତାରକୁ ପୂଜା କର। ଏହାର ପ୍ରଭାବରେ ପୁଣିଥରେ ସୁଦୃଢ଼ ଅଙ୍ଗ ପ୍ରାପ୍ତ କରିବ। ତୁମ ପୂର୍ବ ଜନ୍ମର ଅପରାଧ ପାଇଁ ଭାଲୁ ତୁମ ପାଦ ଚୋବାଇ ଦେଇଛି। ଭଗବାନଙ୍କ ଆଜ୍ଞା ପ୍ରାପ୍ତ କରି ରାଜା ମଥୁରା ଯାଇ ଶ୍ରଦ୍ଧା ପୂର୍ବକ ବରୁଥିନି ଏକାଦଶୀ ବ୍ରତ କଲେ। ଏହାର ପ୍ରଭାବରେ ସେ ପୁଣି ଥରେ ସମ୍ପୂର୍ଣ୍ଣ ଏବଂ ସୁନ୍ଦର ଅଙ୍ଗ ପ୍ରାପ୍ତ କଲେ। ବୈଶାଖ ମାସ କୃଷ୍ଣପକ୍ଷ ଏକାଦଶୀକୁ ବରୁଥିନି ଏକାଦଶୀ କୁହାଯାଇଥାଏ। ଚଳିତ ମାସ ୨୬ ତାରିଖରେ ଏହି ଏକାଦଶୀ ପଡୁଛି। ଏହି ପବିତ୍ର ଦିବସରେ ଭଗବାନ ମଧୁସୂଦନଙ୍କ ପୂଜା କଲେ ଅଶେଷ ପୂଣ୍ୟ ଏବଂ କଲ୍ୟାଣ ପ୍ରାପ୍ତି ହୋଇଥାଏ। କାମ, କ୍ରୋଧ, ଲୋଭ ଉପରେ ନିୟନ୍ତ୍ରଣ କରିବା ସହ ପାନ, ସୁପାରୀ ଆଦି ଏହି ଦିନରେ ତ୍ୟାଗ କରି ଭଗବାନ ବିଷ୍ଣୁଙ୍କ ବରାହ ଅବତାରର ପୂଜା କଲେ କୋଟି କୋଟି ବର୍ଷର ତପସ୍ୟା ଏବଂ କନ୍ୟାଦାନ ସମାନ ପୂଣ୍ୟ ପ୍ରାପ୍ତି ହୋଇଥାଏ।

# ମୋ ସହର

## ବେଳ ହୁଁ ସାବଧାନ ହୁଅ

କେରଳର ୱାୟନାଡରେ ବର୍ଷାର ତାଣ୍ଡବ ଏବଂ ଭୂସ୍ଖଳନରେ ମୃତକଙ୍କ ସଂଖ୍ୟା ୪୦୦ ଅତିକ୍ରମ କରିଥିବାବେଳେ ଏବେ ବି ୨୦୦ରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି। ନିଖୋଜ ମାନଙ୍କୁ ଠାବ କରିବା ଲାଗି ଏବେ ବି ବାୟୁସେନା, ନୌସେନା, ଏନଡିଆରଏଫ, କେଡିଆରଏଫ, ଅଗ୍ନିଶମବାହିନୀ, ପୋଲିସ ପକ୍ଷରୁ ୧୩୦୦ରୁ ଊର୍ଦ୍ଧ୍ୱକାରୀଙ୍କୁ ଦିବାରାତ୍ରୀ ନିୟୋଜିତ କରାଯାଇଛି। କେରଳରେ ଏହି ପ୍ରାକୃତିକ ବିପର୍ଯ୍ୟାୟ ଶତାବ୍ଦୀର ସବୁଠାରୁ ବଡ ବିପର୍ଯ୍ୟାୟ ବୋଲି କୁହାଯାଏ। ତେବେ ବିଶ୍ୱ ଜଳବାୟୁ ପରିବର୍ତନ ଏବଂ ଆରବ ସାଗରରେ ଉଷ୍ମତା ବୃଦ୍ଧି ବାଦଲଫଟା ବର୍ଷାର କାରଣ ବୋଲି ପରିବେଶ ଓ ଜଳବାୟୁ ବିଜ୍ଞାନୀଙ୍କ ମତ। ସେହିପରି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ୱାୟନାଡରେ କଂକ୍ରିଟ ନିର୍ମାଣ ପାଇଁ ଆଖିବୁଜା ସବୁଜ ବନାନୀ ଧ୍ୱଂସ ଭୂସ୍ଖଳନର ମୁଖ୍ୟ କାରଣ ବୋଲି ପରିବେଶବିତଙ୍କ ମତକୁ ଅଗ୍ରାହ୍ୟ କରାଯାଇନପାରେ। ମହାସାଗର କିମ୍ବା ସାଗରରେ ଉତାପ ବୃଦ୍ଧି ଭୂଖଣ୍ଡକୁ ପ୍ରଭାବିତ କରିଥାଏ। ଏହାର ପରିଣତ ସ୍ୱରୁପ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଏବଂ ମୌସୁମୀ ବର୍ଷା ତାଣ୍ଡବ ସୃଷ୍ଟି କରିପାରେ। ଭାରତ ମହାସାଗରରେ ଉତାପ ବୃଦ୍ଧି ନେଇ ଜଳବାୟୁ ବିଜ୍ଞାନୀମାନେ ଯେଉଁ ଭବିଷ୍ୟବାଣୀ କରିଛନ୍ତି, ୱାୟନାଡର ଭୂସ୍ଖଳନ ଓ ଜଳପ୍ରଳୟ ଏହାର ସାମାନ୍ୟ ସଂକେତ ବୋଲି କୁହାଯାଇପାରେ। ପୁନେସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟ୍ରପିକାଲ ମେଟ୍ରୋଲୋଜି (ଆଇଆଇଟିଏମ), ଅଷ୍ଟ୍ରେଲିଆର ସିଏସଆଇଆରଓ, ଆମେରିକାର ପ୍ରିନସଟନ ବିଶ୍ୱବିଦ୍ୟାଳୟ, ଫ୍ରାନସର ସୋରବନ ବିଶ୍ୱବିଦ୍ୟାଳୟ ଓ ବର୍ଣ୍ଣ ବିଶ୍ୱବିଦ୍ୟାଳୟର ଏକ ମିଳିତ ଗବେଷଣା ରିପୋର୍ଟରେ କୁହାଯାଇଛି ଯେ, ବାୟୁମଣ୍ଡଳକୁ ଅନିୟନ୍ତିତ କାର୍ବନ ଡାଇଅକସାଇଡ (ଅଙ୍ଗାରକାମ୍ଳ) ଗ୍ୟାସର ନିର୍ଗମନ ଯୋଗୁଁ ମହାସାଗରରେ ଉତାପ ବୃଦ୍ଧି ପାଉଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ଏପରି କ୍ରମାଗତ ଉତାପ ବୃଦ୍ଧି ଦ୍ୱାରା ସମୁଦ୍ର ପତନର ବୃଦ୍ଧି ସହିତ ପାଣିପାଗରେ ମଧ୍ୟ ପରିବର୍ତନ ଘଟିବ, ଯାହାକି ଅବିଶ୍ୱନୀୟ। ଆହୁରି ମଧ୍ୟ ୧୯୫୦ ମସିହାରୁ ୨୦୨୦ ମଧ୍ୟରେ ଭାରତ ମହାସାଗରର ତାପମାତ୍ରା ୧-୨ ଡିଗ୍ରୀ ସେଲସିୟସ ବଢିଥିବାବେଳେ ଏବେ ଯେଉଁଭଳି ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗମନ ଘଟୁଛି, ତାହା ଯଦି ଭବିଷ୍ୟତରେ ଅପରିବର୍ତିତ ରହେ, ତେବେ ୨୧୦୦ ମସିହା ବେଳକୁ ତାପମାତ୍ରା ୧.୭ ଡିଗ୍ରୀରୁ ୩.୮ ଡିଗ୍ରୀ ସେଲସିୟସକୁ ବୃଦ୍ଧି ପାଇବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଏହାର ପ୍ରଭାବରେ ଏବେ ସାମୁଦ୍ରିକ ତାପ ଲହର ବାର୍ଷିକ ୨୦ଦିନ ରହୁଥିବାବେଳେ ଭବିଷ୍ୟତରେ ସାମୁଦ୍ରିକ ହିଟ୍‌ୱେଭ(ତାପଲହର) ୨୨୦ରୁ ୨୫୦ଦିନ ବଢିବ। ଯାହାକି ତ୍ୱରିତ ସାମୁଦ୍ରିକ ବାତ୍ୟା(ସାଇକ୍ଲୋନ) ସୃଷ୍ଟି କରିବ। କହିବା ବାହୁଲ୍ୟ ଯେ, ଏବେ ଯେପରି ବର୍ଷକୁ ୧୦ରୁ ୧୨ଟି ସାମୁଦ୍ରିକ ବାତ୍ୟା ସଂଘଟିତ ହେଉଛି, ଏହା ହେଉଛି ତା'ର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରେ। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ଏହା ଦ୍ୱାରା ଭାରତ ମହାସାଗର ଖୁବଶୀଘ୍ର ଏକ ସ୍ଥାନୀୟ ହିଟ୍‌ୱେଭ ସମୁଦ୍ରରେ ପରିଣତ ହୋଇଯିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଏହି ହିଟ୍‌ୱେଭ କେବଳ ଭୂଖଣ୍ଡରେ ସୀମିତ ରହିବ ନାହିଁ, ଏହା ଭାରତ ମହାସାଗରର ଅନନ୍ତ ଜଳରାଶିକୁ ମଧ୍ୟ ଉତପ୍ତ କରିବ। କେବଳ ଏତିକି ନୁହେଁ, ଭୂପୃଷ୍ଠରୁ ୨୦୦୦ମିଟର ଗଭୀର ପର୍ଯ୍ୟନ୍ତ ଭାରତ ମହାସାଗରରେ ଉତାପ ପରିମାଣ ବର୍ତମାନ ପ୍ରତି ଦଶନ୍ଧିରେ ୪.୫ ଜେଟା-ଜୁଲ ହାରରେ ବୃଦ୍ଧି ପାଇବାରେ ଲାଗିଛି ଏବଂ ଭବିଷ୍ୟତରେ ପ୍ରତି ଦଶନ୍ଧିରେ ୧୬-୨୨ ଜେଟା-ଜୁଲ ହାରରେ ବୃଦ୍ଧି ପାଇବ। ରିପୋର୍ଟରେ କୁହାଯାଇଛି ଯେ, ଏହି ଜୁଲର ହେଉଛି ଶକ୍ତି (ଏନର୍ଜି)ର ୟୁନିଟ। ୧ ଜେଟା-ଜୁଲର ହେଉଛି ବିଲିଅନ-ଟ୍ରିଲିଆନ ଜୁଲର। ସରଳ ଅର୍ଥରେ ଏକ ଜେଟା ଜୁଲର ପରିମାଣ ୨୩୯ ବିଲିଅନ ଟନ ଟିଏନଟି ବିସ୍ଫୋରଣରୁ ସୃଷ୍ଟି ହେଉଥିବା ଉତାପ ସହ ସମାନ। କ୍ରମାଗତ ଉତାପ ବୃଦ୍ଧି ଯୋଗୁଁ ଭାରତ ମହାସାଗର ଖୁବ ଶୀଘ୍ର ସିଭିୟର ସାଇକ୍ଲୋନ ସୃଷ୍ଟିର ମୁଖ୍ୟ ପେଣ୍ଠ ସ୍ଥଳରେ ପରିଣତ ହୋଇଯିବ। ଯାହାର ପ୍ରଭାବରେ ମୌସୁମୀ ବର୍ଷାର ପ୍ରକୋପ ବୃଦ୍ଧି ସହ ଅତ୍ୟଧିକ ଏବଂ ଦୀର୍ଘ ଅବଧି ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଅତ୍ୟାଧିକ ବର୍ଷା ଯୋଗୁଁ ବନ୍ୟା, ଭୂସ୍ଖଳନ ବଢିବ। ଅନ୍ୟପକ୍ଷ୍ୟରେ ମରୁଡିର ପ୍ରକୋପ ମଧ୍ୟ ବଢିବ ବୋଲି କୁହାଯାଇଛି। ଉଲ୍ଲେଖ କରାଯାଇପାରେ ଯେ, ଚଳିତ ମୌସୁମୀ ଋତୁରେ ହିମାଚଳ ଓ ଉତରାଖଣ୍ଡରେ ବାଦଲଫଟା ବର୍ଷା ସାଙ୍ଗକୁ ଭୂସ୍ଖଳନ ଏବଂ କେରଳରେ ପ୍ରଳୟଙ୍କାରୀ ବର୍ଷାର ତାଣ୍ଡବ ସାଙ୍ଗକୁ ଭୂସ୍ଖଳନ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। କେବଳ ଏହି ଦୁଇ ଅଂଚଳ ନୁହେଁ, ଦିଲ୍ଲୀ, ରାଜସ୍ଥାନ ଏବଂ ମହାରାଷ୍ଟ୍ରର କେତେକ ଅଂଚଳରେ ବର୍ଷାର ତାଣ୍ଡବ ନୂଆ ରେକର୍ଡ ଭଙ୍ଗ କରିଛି।

## ଗଜପତିର ଦୁର୍ଗମ ପାହାଡ଼ରେ ବୃଦ୍ଧ ଦମ୍ପତିଙ୍କୁ ନିର୍ମମ ହତ୍ୟା



ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ଆର ଉଦୟଗିରି ଥାନା ଟୁଙ୍ଗୁରୁ ଗାଁରେ ପାହାଡ଼ ଉପରେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଚୈତନ୍ୟ ମଣ୍ଡଳ (୬୫) ଓ ତାଙ୍କ ପତ୍ନୀ ଇରାଜନୀ ମଣ୍ଡଳ (୬୨)। ଉଭୟ ପାହାଡ଼ ଶିଖରରେ କୁଡ଼ିଆ କରି ରହିବା ସହ ଚାଷବାସ କରି ପେଟ ପୋଷୁଥିଲେ । ଖବର ପାଇ ଆର, ଉଦୟଗିରି ଥାନା ପୁଲିସ ଓ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ। ସୂଚନା ଅନୁସାରେ, ଟୁଙ୍ଗୁରୁ ଗାଁକୁ ଲାଗି ରହିଥ?ିବା ଏକ ପାହାଡ଼ ଉପରେ କୁଡ଼ିଆରେ ରହୁଥିଲେ ଚୈତନ୍ୟ ଓ ଇରଜାନୀ। ଗାଁରେ ରହୁଛନ୍ତି ତାଙ୍କର ଦୁଇ ପୁଅ ଓ ଦୁଇ ଝିଅଙ୍କ ପରିବାର । ବୁଧବାର ସକାଳେ ପୁଅ ଇସ୍ ?ମାଇଲ କୁଡ଼ିଆ ଠାରୁ କିଛି ଦୂରରେ ବାପା ଚୈତନ୍ୟ ଏବଂ କୁଡ଼ିଆ ଭିତରେ ମାଆ ଇରାଜାନୀଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ମୃତଦେହଠାରୁ କିଛି ଦୂରରେ ଚ଼ପଲ, ଗୋଡ଼ର ମୁଦୀ, ସିଗାରେଟ୍ ପଡ଼ିଥିବାଦେଖ?ିବାକୁ ମିଳିଥିଲା । ଖବର ପାଇ ପାରଳାଖେମୁଣ୍ଡି ଏସ୍ ?ଡିପିଓ ମାଧବ ନାୟକ ହତ୍ୟାକାଣ୍ଡସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ତହସିଲଦାର ଜ୍ୟୋତିର୍ମୟ ଦାସଙ୍କ ଉପସ୍ଥିତିରେ ମୃତଦେହ ଜବତ ହୋଇଛି। ମୃତକଙ୍କ ପୁଅ ଯକ୍ଷ ମଣ୍ଡଳଙ୍କ ଏତଲା କ୍ରମେ ଆର ଉଦୟଗିରି ଥାନାରେ ଏକ ମାମଲା ରୁଜୁ ହୋଇଛି। ଗୁଣିଗାରେଡ଼ି କିମ୍ବା ଟଙ୍କା ଲୁଟ୍ ଘଟଣା ନେଇ କେହି ଉଭୟଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ଆଲୋଚ଼ନା ହେଉଛି। ଅନ୍ୟପକ୍ଷରେ ହନୁମାନ ପଇସା କାରବାରକୁ ନେଇ ମଧ୍ୟ ହତ୍ୟା ହୋଇଥାଇ ପାରେ ବୋଲି ଆଲୋଚ଼ନା ହେଉଛି । ତେବେ ମୃତ ଚୈତନ୍ୟ ମଣ୍ଡଳ ଚେରମୂଳି ଔଷଧ ଦେଉଥ?ିବା ବେଳେ ଅର୍ଥ କାରବାର ତଥା ସୁନାବନ୍ଧକ ରଖି ହାତ ଉଧାର ଦେବା କାରବାର ମଧ୍ୟ କରୁଥିଲେ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚ଼ନା ହେଉଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ରା.ଉଦୟଗିରି ଥାନା ଅଧିକାରୀ ସବ୍ୟସାଚ଼ୀ ମଲ୍ଲ କହିଛନ୍ତି।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି। ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ। ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି। ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ। ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ। ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ। ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ। ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ। କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି। ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି। ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ। ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ। ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି, ତାହା କେବଳ ପରବର୍ତି ସମୟ ହିଁ କହିବ।


2024-2025

MAHARISHI PUBLIC SCHOOL

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Friday August 09 2024 ଭୁବନେଶ୍ୱର ଶୁକ୍ରବାର, ଅଗଷ୍ଟ ୦୯,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ମାନସିକ ନିର୍ଯ୍ୟାତନା ଅଭିଯୋଗ ପରେ ବି ପୋଲିସ କାର୍ଯ୍ୟାନୁଷ୍ଠାନ ଶୁନ

ଭବାନୀପାଟଣା,(ପି.ଏନ):) କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ମାଣିକେଶ୍ୱରୀ ହାଇ ସ୍କୁଲର ପ୍ରଧାନଶିକ୍ଷକ ରବୀ କାନୁନଗୋଙ୍କ ବିରୁଦ୍ଧରେ ସେହି ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଣତୀ ମହାପାତ୍ର ସଦର ଥାନାରେ ମାନସିକ ନିର୍ଯ୍ୟାତନା ଅଭିଯୋଗ କରିଥିଲେ, ସେହି ଅଭିଯୋଗକୁ ମାସେ ପୁରିବାକୁ ବସିଲାଣି ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ ଶୁନ ହୋଇ ପଡିଛି, ଶିକ୍ଷୟିତ୍ରୀ ଶ୍ରୀମତୀ ମହାପାତ୍ର ଅଭିଯୋଗ କରିବା ପରେ ଜିଲ୍ଲା ଶିକ୍ଷାଧିକାରୀ ଏକ କମିଟି ଗଠନ କରି ଏହାର ସତ୍ୟତା ଯାଞ୍ଚ କରିଥିଲେ, ପରବର୍ତ୍ତୀ ସମୟରେ ପ୍ରଧାନଶିକ୍ଷକ ଶ୍ରୀ କାନୁନଗୋଙ୍କୁ ପ୍ରଧାନଶିକ୍ଷକ ପଦରୁ ହଟାଇ ଅନ୍ୟଜଣେ ସହ ଶିକ୍ଷୟିତ୍ରୀଙ୍କୁ ପ୍ରଧାନଶିକ୍ଷକ ପଦବୀରେ ଅବସ୍ଥାପିତ କରିଥିଲେ, ଏଥିରେ ପ୍ରମାଣିତ ହେଉଛି ଉଚ୍ଚ୍ଚ ଅଧିକାରୀ ନିଶ୍ଚିତ ଭାବେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ କାନୁନଗୋଙ୍କ ବିରୁଦ୍ଧରେ କୋ ?ଣସି ପ୍ରମାଣ ପାଇଥିଲେ, ବିଡ଼ମ୍ବନା ଯେ ପୋଲିସ କେବଳ ଅଭିଯୁକ୍ତଙ୍କୁ ଡାକି ହାତବାନ୍ଧି ବସି ରହିଛି, ନାରୀ ନିର୍ଯ୍ୟାତନା ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏଭଳି ସଙ୍ଗିନ ଅଭିଯୋଗକୁ ପୋଲିସ ହାଲୁକା ଭାବେ ନେଇଥିବା ଘଟଣାକୁ ଜନ ସାଧାରଣ ସହଜରେ ଗ୍ରହଣ କରି ପାରୁ ନାହାନ୍ତି, ଏହା ପୂର୍ବରୁ ମଧ୍ୟ ପ୍ରଧାନଶିକ୍ଷକ ଶ୍ରୀ କାନୁନଗୋଙ୍କ ବିରୁଦ୍ଧରେ ଦୁଇ ଜଣ ଶିକ୍ଷୟିତ୍ରୀ ଏଭଳି ମାମଲା ଦାୟର କରିଥିବା ନଜିର ରହିଛି, ଏସବୁକୁ ବିଚାର କଲେ ଶ୍ରୀ କାନୁନଗୋଙ୍କ ଚରିତ୍ର ସ୍ଖଳନ ଅଭ୍ୟାସଗତ ବୋଲି ଜଣାପଡୁଛି, ବଲାଙ୍ଗୀର ପାର୍ଶଲ ବୋମା ଘଟଣାକୁ ମନେ ପକାଇଲେ ଆଜି ବି ଶରିରରେ ସିଂହରଣ ଯାତ ହେଉଥିବା ବେଳେ ଅଭିଯୋଗ କାରିଣୀ ଓ ଅଭିଯୁକ୍ତଙ୍କୁ ଗୋଟିଏ ସ୍ଥାନରେ କାର୍ଯ୍ୟ କରିବାର ସୁଯୋଗ ଦେବା ପଛର ଅସଲ କାରଣ ବୁଝା ପଡୁନାହିଁ, ଶିକ୍ଷା ବିଭାଗ ଓ ପୋଲିସ ଏଭଳି ସମ୍ବେଦନଶୀଳ ଅଭିଯୋଗ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏଭଳି ଅସାମାଜିକ ତତ୍ତ୍ୱକୁ ରୋକା[illegible] ପାରିବ ବୋଲି ଜନସାଧା[illegible] ପ୍ରକାଶ ପାଉଛି,

## ଏଚ୍‌ଡିଏଫସି ବ୍ୟାଙ୍କକୁ କେନ୍ସ ଲାୟନ ପୁରସ୍କାର

ଭୁବନେଶ୍ୱର,(ପି.ଏନ): ଦେଶର ପ୍ରମୁଖ ଘରୋଇ କ୍ଷେତ୍ର ବ୍ୟାଙ୍କ ଏଚ୍‌ଡିଏଫସି ବ୍ୟାଙ୍କ କେନ୍ସ ଲାୟନସ ୨୦୨୪ କାର୍ଯ୍ୟକ୍ରମରେ ରୌପ୍ୟ ପୁରସ୍କାର ହାସଲ କରିଛି । ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଭିଜିଲ ଆଣ୍ଟି -ଏଣ୍ଡ ଅଫ୍ ସ୍କାମ ସେଲ୍ ଅଭିଯାନ ପାଇଁ ଏଭଳି ପୁରସ୍କାର ମିଳିଛି । ଏହି ସୋସିଆଲ ମିଡିଆ କ୍ୟାମ୍ପେନରେ ନୋରା ଫତେହୀ ଏବଂ ଭିଜିଲ ଆଣ୍ଟି ଅଭିନୟ କରିଥିଲେ । ଏହାକୁ ୨୮ ନିୟୁତ ପହଞ୍ଚ ମିଳିଥିବା ବେଳେ ୨୨ ନିୟୁତ ଲୋକ ଦେଖିଛନ୍ତି । ଭିଜିଲ ଆଣ୍ଟି ଏକ କାଳ୍ପନିକ ସୋସିଆଲ ମିଡିଆ ଚରିତ୍ର ହୋଇଥିବା ବେଳେ ଏହାକୁ ଏଚ୍‌ଡିଏଫସି ବ୍ୟାଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ଏହା ଡିଜିଟାଲ ଠକେଇ ବିରୋଧରେ ସଚେତନତା ସୃଷ୍ଟି କରୁଛି । ଏହି ଅଭିଯାନ ବାଦ ବ୍ୟାଙ୍କ ଅଭିନେତ୍ରୀ ନେରା ଫତେହୀଙ୍କୁ ଡିଜିଟାଲ ଠକେଇ ବିରୋଧରେ ସଚେତନତା ପାଇଁ ନିୟୋଜିତ କରିଛି । ଏହି ଅବସରରେ ଏଚ୍‌ଡିଏଫସି ବ୍ୟାଙ୍କର ଡାଇରେକ୍ଟ ଟୁ କଞ୍ଜୁମର ବିଜନେସ ମୁଖ୍ୟ ତଥା ଚିଫ୍ ମାର୍କେଟିଂ ଅଫିସର ରବି ସନ୍ଥନାମ କହିଛନ୍ତି, ଡିଜିଟାଲ ଠକେଇ ବିରୋଧରେ ଅଭିଯାନକୁ ପୁରସ୍କାର ମିଳିଥିବାରୁ ଆମେ ଅତ୍ୟନ୍ତ ଖୁସି । ଡିଜିଟାଲ ଠକେଇରୁ ଲୋକଙ୍କୁ ରକ୍ଷା କରିବା ଦିଗରେ ଆମ ଉଦ୍ୟମ ଜାରି ରହିବ ।

## ଜିଲ୍ଲା ପ୍ରଶାସନର 'ମା' ପାଇଁ ଗଛଟିଏ' ଅଭିଯାନ



କେନ୍ଦ୍ରାପଡ଼ା,(ପି.ଏନ) : ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଌମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅଭିଯାନ । ଏହି କ୍ରମରେ ଆଜି ସକାଳ ୯ ଘଟିକା ସମୟରେ ବାରୋ ତରାଣ୍ଡୋଠାରେ ଥିବା ଜିଲ୍ଲା ମିଶନ ଶକ୍ତି ଭବନ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମିଶନ ଶକ୍ତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାର ମାନ୍ୟବର ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ମିଶନ ଶକ୍ତିର ଜିଲ୍ଲା ସଂଯୋଜକ କୈଳାଶ ସେନାପତି, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ମିଶନ ଶକ୍ତିର ମା' ଭଉଣୀ ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ । ମାନ୍ୟବର ବିଧାୟକ ଗଣେଶ୍ୱର ବେହେରା ଏହି ଅବସରରେ କହିଥିଲେ, ' ବୃକ୍ଷ ବଞ୍ଚି ରହିଲେ ବିଶ୍ୱ ତିଷ୍ଠି ରହିବ । ଏଣୁ ପ୍ରକୃତିର ସୁରକ୍ଷା । ଆମର ଦାୟିତ୍ୱ । ସମସ୍ତ ଜିଲ୍ଲାବାସୀଙ୍କୁ ନିଜ ମା'ଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ଜିଲ୍ଲାପାଳ ନିବେଦନ କରିଛନ୍ତି । ସୂଚ଼ନାଯୋଗ୍ୟ, ବିଶ୍ୱ ପରିବେଶ ଦିବସ ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ।ଏକ ପେଡ ମା କେ ନାମ। ( 'ମା ପାଇଁ ଗଛଟିଏ' ) କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ରାଜ୍ୟରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଆହ୍ୱାନ ଜଣାଇଥିଲେଓ।

## ଡିଆଇପିଆରଓ ଆଲୋକ ମହାନ୍ତିଙ୍କର ବଦଳି

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତିଙ୍କର ସୂଚନା ଓ ଲୋକସମ୍ପର୍କ ବିଭାଗ ମୁଖ୍ୟାଳୟ ଭୁବନେଶ୍ୱରକୁ ବଦଳି ହୋଇଯାଇଛି । ଏସମ୍ପର୍କରେ ଗତ ଜୁଲାଇମାସ ୨୪ତାରିଖରେ ବିଭାଗୀୟ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା । ଶ୍ରୀ ମହାନ୍ତିଙ୍କୁ ଜିଲ୍ଲାପାଳ ଆଜି ଭାରମୁକ୍ତ କରିଦେଇଛନ୍ତି । ଶ୍ରୀ ମହାନ୍ତି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆରସିଂହଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି ।

## ସ୍ମୃତିରଞ୍ଜନ ପ୍ରଧାନ ହେଲେ କେନ୍ଦ୍ରାପଡାର ନୂତନ ଜିଲ୍ଲାପାଳ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡାର ନୂତନ ଜିଲ୍ଲାପାଳ ଭାବେ ଆଇ.ଏ.ଏସ. ସ୍ମୃତିରଞ୍ଜନ ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଛି । ଶ୍ରୀ ପ୍ରଧାନ ଏବେ ଗଜପତିର ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଅଛନ୍ତି । କେନ୍ଦ୍ରାପଡା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଭାବେ ବଦଳି କରାଯାଇଛି ।

## ସର୍ବଭାରତୀୟ ପାୱାର ଲିଫ୍ଟିଂରେ ରୋନିତ ରୋଶନଙ୍କୁ ରୌପ୍ୟ ପଦକ




କେନ୍ଦ୍ରାପଡ଼ା, (ପି.ଏନ): ନ୍ୟାସନାଲ ସ୍ପୋର୍ଟ୍ସ ଫେଡେରେସନ ପକ୍ଷରୁ ମଧ୍ୟପ୍ରଦେଶ ରାଜ୍ୟର ଉଜ୍ଜୈନଠାରେ ଆୟୋଜିତ ସର୍ବଭାରତୀୟ ସିନିୟର ପାୱ ାର ଲିଫ୍ଟିଂ ଚମ୍ପିଅନସିପ୍ ପ୍ରତିଯୋଗିତାରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପ ।ୟତର ଜଗନ୍ନାଥପୁର ଗ୍ରାମ ନିବାସୀ ନୃସିଂହ ଚରଣ ସ୍ୱାଇଁ ଓ କମଳା ସ୍ୱାଇଁଙ୍କ ନାତି ତଥା ଶିକ୍ଷକ ନିର୍ମଳ କୁମାର ସ୍ୱାଇଁଙ୍କ ୨୧ବର୍ଷୀୟ ପୁତ୍ର ରୋନିତ ରୋଶନ ସ୍ୱାଇଁ ଅଂଶଗ୍ରହଣ କରି ରୌପ୍ୟ ପଦକ ହାସଲ କରିଛନ୍ତି । ପୂର୍ବରୁ ରୋନିତ ଦିଲ୍ଲୀ, କୋଲକତା, ଭୁବନେଶ୍ୱର, ରାୟଗଡା ଓ ନେପାଳର କାଠମାଣ୍ଡୁଠାରେ ଆୟୋଜିତ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ । ଏବେ ରୋନିତ ଟ୍ରାଇଡେ ଇନ୍‌ଷ୍ଟିଚ୍ୟୁଟ୍‌ରେ ବିଟେକ୍ ପଢୁଛନ୍ତି । ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ସରକାରୀ ପ୍ରୋତ୍ସାହନ ପ୍ରଦାନ କରାଯିବାକୁ ସାଧାରଣରେ ଦାବି ହୋଇଛି । ବିଶେଷ କରି ରାଜ୍ୟର ନୂଆ ସରକାର ଗଠନ ହୋଇଥିବାରୁ କ୍ରୀଡାମନ୍ତ୍ରୀ ତଥା ଜିଲ୍ଲାର କ୍ରୀଡା ବିଭାଗ ଏଭଳି କୃତି ପ୍ରତିଯୋଗୀଙ୍କ ପ୍ରତି ସରକାରୀ ସହାୟତା ତଥା ପ୍ରୋତ୍ସାହନ ଯୋଗାଇ ଦେବାକୁ ଦାବି ହେଉଛି । ଜିଲ୍ଲାର କ୍ରୀଡା କ୍ଷେତ୍ରରେ ଏଭଳି ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ସମ୍ମାନୀତ ତଥା ସରକାରୀ ଚାକିରି ଦେବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଉଛି।

## ଗଜପତିରେ ଚ଼ାଷ କାର୍ଯ୍ୟ ପାଇଁ ଚ଼ାଷୀ ପ୍ରସ୍ତୁତ

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲାରେ ଚ଼ାଷୀମାନେ ଚ଼ାଷ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ରହିଛନ୍ତି. ହେଲେ ଚ଼ାଷ ବେଉଷଣ ପାଇଁ ରହିଥିବା କେନାଲ ଗୁଡିକ ବର୍ତ୍ତମାନ ସୁଦ୍ଧା ସଫେଇ ହେଉନଥିବାରୁ ଚ଼ାଷ କାମ କେମିତି ଆରମ୍ଭ କରିବୁ ବୋଲି ଚ଼ାଷୀମାନେ ପ୍ରଶ୍ନ କରିଛନ୍ତି. ଚ଼ଳିତବର୍ଷ ପାଣିପାଗ ବିଭାଗର ପ୍ରାକ୍ ଆକଳନ ଅନୁସାରେ ଶୀଘ୍ର ମୌସୁମୀ ଆସିବାର ସମ୍ଭାବନା ରହିଛି । କୃଷକମାନେ ମଧ୍ୟ ଚ଼ାଷବାସ ପାଇଁ ଜମି ପ୍ରସ୍ତୁତ କରି ରଖିଲେଣି କିନ୍ତୁ, ଏଯାବତ୍ ଜଳସେଚ଼ନ ପାଇଁ ରହିଥିବା କେନାଲଗୁଡ଼ିକର ସଫେଇ ହୋଇ ନଥିବାରୁ ତାଙ୍କ ପାଖରେ ଜଳ କିଭଳି ପହଞ୍ଚିବ ସେ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି ।ଦକ୍ଷିଣ ଓଡ଼ିଶାର ଭାତହାଣ୍ଡି ଗଜପତି ଜିଲ୍ଲାର ଗୋଶାଣୀ, କାଶୀନଗର ବ୍ଲକ୍ ଏବଂ ପାରଳାଖେମୁଣ୍ଡି ଉପଖଣ୍ଡରେ ୩୫ ହଜାର ହେକ୍ଟର ଚ଼ାଷ ଜମି ଥିବା ବେଳେ ସେଥିରୁ ୨୯ ହଜାର ହେକ୍ଟର ଜମିରେ ଧାନ ଚ଼ାଷ ହେଉଛି ବୋଲି ଚ଼ାଷୀମାନେ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚ଼ନା ପ୍ରଦାନ କରି କହିଛନ୍ତି ଯେ, ଏହି ଜମିଗୁଡ଼ିକ ମୌସୁମୀ ଆଗମନଜନିତ ବର୍ଷା ତଥା ବିଭିନ୍ନ କେନାଲର ପାଣି ଉପରେ ନିର୍ଭରଶୀଳ। ଏଣୁ, ପାରଳାଖେମୁଣ୍ଡି ହେଉ କି ଗଜପତି ଜିଲ୍ଲାର ଅନ୍ୟାନ୍ୟ ବ୍ଲକ, ଜଳସେଚ଼ନ ପାଇଁ ସୁବିଧା ପ୍ରଦାନ କରୁଥିବା ସାଗରଗୁଡ଼ିକ ଅବା ନଦୀବନ୍ଧ ଯୋଜନାରେ ନିର୍ମିତ ବଡ଼ବଡ଼ ପୋଖରୀ ସହ ସଂଯୁକ୍ତ ଥିବା କେନାଲଗୁଡ଼ିକ ହେଉ, ସେଗୁଡ଼ିକ ମେ ଓ ଜୁନ ମାସ ସୁଦ୍ଧା ସଫା ହେବା କଥା । ବର୍ଷା ପରେ ଶୀତ ଓ ଗ୍ରୀଷ୍ମରେ ବଢ଼ି ଉଠିଥିବା ଛୋଟବଡ଼ ଗଛ କାଟି ଜଳ ବହିଯିବା ପାଇଁ ପୂର୍ବପ୍ରସ୍ତୁତି କରିବା କଥା। କିନ୍ତୁ, ଚ଼ଳିତବର୍ଷ ରାଜ୍ୟ ସରକାରଙ୍କ ଠାରୁ ଆସିଥିବା ଅନୁଦାନରେ ୩ଟି ସାଗର ଖୋଳା କାର୍ଯ୍ୟ ଚ଼ାଲୁ ରହିଛି ଅଥଚ଼ କେନାଲଗୁଡିକ ଆଜି ପର୍ଯ୍ୟନ୍ତ ସଫା ହୋଇ ପାରିଲା ନାହିଁ। ଯଦି ଆଗାମୀ ଦିନରେ ନିର୍ଦ୍ଧାରିତ ସମୟ ଅନୁସାରେ ମୌସୁମୀ ବର୍ଷା ହୁଏ, ତା'ହେଲେ ସାଗରରେ ପାଣି ରହିବା କିନ୍ତୁ, କେନାଲଗୁଡ଼ିକ ସଫା ନଥିବାରୁ ଚ଼ାଷୀଙ୍କ ଜମିରେ ପାଣି ପହଞ୍ଚିବା କଷ୍ଟସାଧ୍ୟ ହୋଇପଡ଼ିବ ବୋଲି କୃଷକ ସଂଗଠନ ଆଶଙ୍କା ପ୍ରକାଶ କରିଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପଚ଼ାରିବାରୁ ଚ଼ଳିତବର୍ଷ ଅନୁଦାନ ଆସିନଥିବାରୁ ମରାମତି ହୋଇନାହିଁ। ନୂତନ ସରକାର ଗଠନ ପରେ କେନାଲ ସଫେଇ ସହ ମରାମତି କାମ ଆରମ୍ଭ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।

## ନିଳାଦ୍ରୀ ବିହାର ଆବାସି ସଂଘର କର୍ମକ ୍ତା ନିର୍ବାଚନ

ଭୁବନେଶ୍ୱର,(ପି.ଏନ): କଲୋନୀରେ ଶାନ୍ତି, ସଂହତି ଓ ଭାଇଚାରାକ ପାଥେୟ କରି ନୀଳାଦ୍ରି ବିହାର ଆବାସିକ ସଂଘର ଏକ ସାଧାରଣ ସଭା ଶ୍ରୀମତୀ ରଶ୍ମିରେଖା ଜେନା ସଭାପତିତ୍ୱରେ ତା ୪.୮.୨୪ ରିଖରେ ଅନୁଷ୍ଠିତ ହୋଇଯାଇଛି। ସଂଘର କର୍ମକ ୍ତା ଭାବେ ସଭାପତି-ଶ୍ରୀମତୀ ରଶ୍ମିରେଖା ଜେନା, ଉପସଭାପତି ଅଦ୍ୱୈତ ଶତପଥୀ, ସାଧାରଣ ସମ୍ପାଦକ - ଯୋଗେଶ ଚନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସମ୍ପାଦକ- ଡମ୍ବରୁଧର ନାୟକ, କୋଷାଧ୍ୟକ୍ଷ- ମୁକ୍ତେଶ୍ୱର ତ୍ରିପାଠୀ, ସହକୋଷାଧ୍ୟକ୍ଷ- ବିଷ୍ଣୁଚରଣ ବଳ ଓ ୨୧ ଜଣ କାର୍ଯ୍ୟକାରୀ ସଦସ୍ୟ ହୋଇଛନ୍ତି।

## ବ୍ୟାଙ୍କ ଅଫ ବରୋଦା ଛାତ ଖସି କର୍ମଚାରୀ ଆହତ

ପାରାଦୀପ,(ପି.ଏନ): ବ୍ୟାଙ୍କ ଅଫ ବରୋଦା ପାରାଦୀପ ଶାଖାର ଛାତ ଖସି ପଡିବାରୁ ବ୍ୟାଙ୍କରେ କାର୍ଯ୍ୟରତ ଦୁଇ କର୍ମଚାରୀ ଆହତ ହୋଇଥିବା ଜଣା ପଡିଛି । ଘଟଣାରୁ ପ୍ରକାଶଯେ, ବ୍ୟାଙ୍କ ଅଫ ବରୋଦା ପାରାଦୀପ ଶାଖା କାର୍ଯ୍ୟାଳୟ ପାରାଦୀପ ବଡପଡିଆ ମାର୍କେଟ ନିକଟରେ ରହିଛି । ବ୍ୟାଙ୍କର ଛାତ ତଳେ ସୁନ୍ଦର ଭାବେ ସିଲିଙ୍ଗ ହୋଇଥିଲା । ଦିନ ପ୍ରାୟ ୨ଟା ସମୟରେ ବ୍ୟାଙ୍କ ଚାଲିଥିବା ବେଳେ ହଠାତ୍ ଛାତ ଖସି ପଡିବାରୁ ସିଲିଙ୍ଗ ଭାଙ୍ଗି କର୍ମଚାରୀଙ୍କ ଉପରେ ପଡିଥିଲା। ବ୍ୟାଙ୍କର କାଉ ରରେ କାମ କରୁଥିବା ରୋଜ ତିର୍କିଙ୍କ ମୁଣ୍ଡରେ ପଡିବାରୁ ତାଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ଅନ୍ୟ ଜଣେ କର୍ମଚାରୀଙ୍କ ପ୍ରଦୀପ ରଂଜନ ପରିଡାଙ୍କ ହାତରେ ଆଘାତ ଲାଗିଛି । ବ୍ୟାଙ୍କରେ ଉପସ୍ଥିତ ଗ୍ରାହକ ଓ ଅନ୍ୟ କର୍ମଚାରୀମାନେ ଭୟରେ ବାହାରକୁ ବାହାରି ଆସିଥିଲେ । ଆହତ ଦୁଇ କର୍ମଚାରୀ ଚିକିତ୍ସା ପରେ ସୁସ୍ଥ ଥିବା ଜଣା ପଡିଛି ।

## ପୁରୀରୁ ଚୋରି ହୋଇଥିବା ବସକୁ କେନ୍ଦ୍ରାପଡା ପୋଲିସ ଜବତ କଲା

କେନ୍ଦ୍ରାପଡ଼ା,(ପି.ଏନ): ପୁରୀରୁ ଚୋରି ଯାଇଥିବା 'ଗୋପିନାଥ' ନାମକ ଏକ ବସକୁ କେନ୍ଦ୍ରାପଡା ସଦର ଥାନା ପୋଲିସ ଆଜି ଅପରାହ୍ନରେ ଜବତ କରିଛି । ପୁରୀରୁ ଚୋରି ହୋଇଥିବା ଏହି ବସଟିକୁ ପ୍ରଥମେ ପାରାଦୀପ ନିଆଯାଇଥିବା ବେଳେ ସେଠାରୁ ୫୩ନମ୍ବର ଜାତୀୟ ରାଜପଥ ଦେଇ କେନ୍ଦ୍ରାପଡା ଆଡକୁ ବସଟି ଆସୁଥିବା ସମ୍ପର୍କରେ କେନ୍ଦ୍ରାପଡା ସଦର ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କୁ ଜଣେ ବରିଷ୍ଠ ପୋଲିସ ଅଧିକାରୀ ଜଣାଇଥିଲେ । ଖବର ପାଇବା ପରେ ଥାନା ଅଧିକାରୀ ଶ୍ରୀ ସାହୁ ତୁରନ୍ତ ଏକ ପୋଲିସ ଟିମକୁ ଶ୍ୟାମସୁନ୍ଦରପୁର ଗଡା ନିକଟରେ ୫୩ନମ୍ବର ଜାତୀୟ ରାଜପଥ ଉପରେ ସେହି ବସକୁ ଜଗିବାକୁ ନିର୍ଦ୍ଦେଶ ଦେଇଥିଲେ । ପୋଲିସ ଟିମ ଜଗିରହିଥିବା ବେଳେ ଆଜି ପୂର୍ବାହ୍ନ ୯ଟା ବେଳେ ସେହି ବସଟି ଦ୍ରୁତ ଗତିରେ ପାରାଦୀପ ଆଡୁ ଆସୁଥିବା ଦେଖି ତାକୁ ଅଟକାଇବାକୁ ଚେଷ୍ଟା କରିଥିଲେବି ବସଟି ଅଟକି ନଥିଲା । ଫଳରେ ପୋଲିସ ଗାଡି ସେହି ବସକୁ ଗୋଡାଇ କଜଳା ଗଡା ନିକଟରେ ଅଟକାଇଥିଲା । ପୋଲିସ 'ଗୋପିନାଥ' ବସ(ନଂ- ଓଡି-୧୩-ଭି ୭୫୧୫)କୁ ଜବତ କରି ଥାନାକୁ ଆଣିବା ସହ ବସ ଚାଳକ ଜଗତସିଂହପୁର ଜିଲ୍ଲା ହରିସିଂହପୁର ଗ୍ରାମର ଜ୍ଞାନରଞ୍ଜନ ସାହୁଙ୍କୁ ଥାନାକୁ ଆଣି ଅଟକ ରଖିଥିବା ଥାନା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray